ଆଜି -ସୋମବାର
ତାରିଖ - ୨୮ ଅକ୍ଟୋବର ୨୦୨୪
ମାସ - ତୁଳା, ଦିନ - ୧୨
ତିଥି - ଏକାଦଶୀ ମଳ, ପକ୍ଷ - କୃଷ୍ଣ
ନକ୍ଷତ୍ର - ପୂର୍ବ ଫାଲ୍‌ଗୁନୀ, କନ୍ୟାଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୪୦:୦୦
ସୂର୍ଯ୍ୟାସ୍ତ - ୫:୧୧:୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ପିଲାଟିଏ ଭବିଷ୍ୟତରେ କ'ଣ ହେବ, ତାକୁ ନେଇ ଆମେ ଚିନ୍ତିତ ହୋଇପଡୁ, କିନ୍ତୁ ଭୁଲିଯାଉ ଯେ ଆଜି ବି ସେ ଜଣେ ମଣିଷ ।" ॥

– ଜବାହାରଲାଲ୍ ନେହରୁ


E-News : www.theajikali.com

Vol.- 39 ISSUE- 194 R.N.I. REGD. No. 44026/86 ବାଲେଶ୍ୱର ୨୮ ଅକ୍ଟୋବର ୨୦୨୪ ସୋମବାର BALASORE 28 OCTOBER 2024 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ପ୍ରଧାନମନ୍ତ୍ରୀଙ୍କ ୧୧୫ତମ ରେଡ଼ିଓ ଅଭିଭାଷଣ 'ମନ୍‌କି ବାତ୍'

ଭୁବନେଶ୍ୱର : ଭାରତୀୟ ସଂସ୍କୃତି, ପରଂପରା, ଐତିହ୍ୟ, କଳା, ଭାଷା ଆଦି ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରି ପ୍ରତ୍ୟେକ ଭାରତୀୟଙ୍କୁ ଗୌରବ୍ୱାନିତ କରିଛନ୍ତି ଦେଶର ନେତୃତ୍ୱ ନେଉଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି । ଭଗବାନ ବିର୍ସା ମୁଣ୍ଡା, ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମଜୟନ୍ତୀକୁ ପାଳନ କରିବା ପାଇଁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ ମୋଦିଜୀ ଦେଶର ସ୍ୱତନ୍ତ୍ରତାକୁ ପୁଣି ଥରେ ସାମ୍ନାକୁ ଅଣିଛନ୍ତି । ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଆସନ୍ତା ୩୧ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା "ରନ୍ ଫର୍ ୟୁନିଟି"ରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଭାରତବର୍ଷ ଆଜି ସମସ୍ତ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ଓ ସ୍ଥାନ ସୃଷ୍ଟି କରିବାରେ ସଫଳ ହୋଇଛି । ବିଶ୍ୱ ନେତୃତ୍ୱ ନେବା ପାଇଁ ଭାରତବର୍ଷ ଆଜି ପ୍ରସ୍ତୁତ । ବିକଶିତ ଭାରତ ଗଠନ ପାଇଁ ଆମେ ଯାତ୍ରା ଆରମ୍ଭ କରିଦେଇଛୁ । ଏହି ସମୟରେ ଆମେ ଅନେକ ଚ୍ୟାଲେଂଜର ସମ୍ମୁଖୀନ ହେବା । ବିଶେଷ ଭାବେ ସୁଚନା ଓ ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଗୋଟିଏ ପଟେ ଆନିମେସନ ଦୁନିଆରେ ଭାରତର ପ୍ରାଧାନ୍ୟ ବଢି ଚାଲିଥିବାବେଳେ ଅନ୍ୟପଟେ ଡିଜିଟାଲ ଆରେଷ୍ଟ" ଭଳି ଭୟଭୟତାକୁ ସମ୍ମୁଖିନ କରି ସମସ୍ୟାର ସମାଧାନ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଓଡ଼ିଶାର ସଂସ୍କୃତି, ଐତିହ୍ୟ, ପରଂପରା, କଳାକୁ ସର୍ବଦା ଗୁରୁତ୍ୱ ଦେଇଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦିଜୀ । ଜି-୨୦ ଶିଖର ସମ୍ମିଳନୀରେ ବିଶ୍ୱ ନେତୃତ୍ୱକୁ କୋଣାର୍କ ଚକ୍ର ତଳେ ଏକାଠି କରିଥିବା ପ୍ରଧାନମନ୍ତ୍ରୀ ମୋଦିଜୀ ଆଜିର ଡିଜିଟାଲ ଯୁଗରେ ଆନିମେସନ ଜରିଆରେ ବିଶ୍ୱର କୋଣ କୋଣକୁ କୋଣାର୍କ ଓ ଓଡିଶୀ ନୃତ୍ୟକୁ ପହଂଚାଇବାର ଉଦ୍ୟମକୁ ପ୍ରଶଂସା କରିଛନ୍ତି । ବିକଶିତ ଓଡିଶା ଗଠନ ପାଇଁ ମୋଦି ସରକାର ବଦ୍ଧପରିକର ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।ଜନଆନ୍ଦୋଳନରେ ପରିଣତ ହୋଇଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ମନ କି ବାତ" କାର୍ଯ୍ୟକ୍ରମର ୧୧୫ତମ ସଂସ୍କରଣକୁ ମଧ୍ୟ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୯ ନମ୍ବର ୱାର୍ଡରେ ରାଜ୍ୟ ସଭାପତି ଶ୍ରୀ ସାମଲ ଶୁଣିଥିଲେ । ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଏବଂ ସ୍ଥାନୀୟ କର୍ପୋରେଟର ଅପରୂପ ରାଉତ ପ୍ରମୁଖଙ୍କ ସମେତ ଅନେକ କାର୍ଯ୍ୟକର୍ତା ଓ ଜନସାଧାରଣ ଉପସ୍ଥିତ ଥିଲେ । 'ମନ କି ବାତ' କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, କ୍ରୀଡା, ପର୍ଯ୍ୟଟନ, ସଂସ୍କୃତି ସମେତ ସ୍ୱାବଲମ୍ବୀ ଭାରତ ଗଠନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମତ ରଖିଛନ୍ତି । ଏହା ୧୪୦କୋଟି ଦେଶବାସୀଙ୍କୁ ନିଶ୍ଚିତ ଅନୁପ୍ରାଣିତ କରିବ ।



## ଆକାଶମାର୍ଗରୁ ବାତ୍ୟାଂଚଳ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

### କ୍ଷୟକ୍ଷତିର ତୁରନ୍ତ ଆକଳନ ପାଇଁ ସବୁ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର: ସାମୁଦ୍ରିକ ବାତ୍ୟା 'ଦାନା'ର ପ୍ରଭାବରେ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ଅନ୍ୟ ସ୍ଥାନରେ କ୍ଷୟକ୍ଷତି ହୋଇଥିବା ଅଂଚଳକୁ ଆଜି ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଇଛନ୍ତି । ସେ ହେଲିକପ୍ଟର ଯୋଗେ ବାତ୍ୟା ପ୍ରଭାବିତ ଅଂଚଳଗୁଡିକ ପରିଦର୍ଶନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ପାରାଦୀପ, ମହାକାଳପଡା, ରାଜନଗର, ରାଜକନିକା ଓ ଚାନ୍ଦବାଲିର ସମୁଦ୍ର ତଟବର୍ତୀ ଅଂଚଳ ଅନୁଧାନ କରିଛନ୍ତି । ଆକାଶ ମାର୍ଗରୁ ପରିଦର୍ଶନ ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସମ୍ପୃକ୍ତ ବିଭାଗକୁ କ୍ଷୟକ୍ଷତିର ତୁରନ୍ତ ଆକଳନ କରିବାରୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଦ୍ୱାରା ବାତ୍ୟା ଏବଂ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଖୁବଶୀଘ୍ର ସହାୟତା ପ୍ରଦାନ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ପରିଦର୍ଶନ ସମୟରେ ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଧ୍ୟ ଉପସ୍ଥିତ ଥିଲେ ।ପୂର୍ବରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ବାତ୍ୟା 'ଦାନା' ଯୋଗୁଁ ୧୪ ଜିଲ୍ଲାର ୩୫ ଲକ୍ଷ ୯୫ ହଜାର ୧୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ୧୦୮ ବ୍ଲକ, ୧୬୭୧ ଗ୍ରାମ ପଂଚାୟତ, ୩୧ ସହରର ୪୨୬ ୱାର୍ଡର ଲୋକେ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛନ୍ତି । ରବିବାର ସକାଳ୧୦ଟା ସୁଦ୍ଧା ୧୧୭୮ ରିଲିଫ ସେଂଟର କାର୍ଯ୍ୟକ୍ଷମ ଅଛି । ଲୋକେ ଫେରିବା ଆରମ୍ଭ କଲେଣି । ରନ୍ଧା ଖାଦ୍ୟ ମାଧ୍ୟମରେ ୮ ଲକ୍ଷ ୧୦ ହଜାର ୮୯୬ ଜଣ ଲୋକ ଉପକୃତ ହୋଇଛନ୍ତି । ରିଲିଫ ସେଂଟରରେ ରୋଷେଇ ସାତ ଦିନ ଯାଏଁ ଚାଲିବ । ଆଂଶିକ କ୍ଷତିଗ୍ରସ୍ତ ଘର ପାଇଁ ପଲିଥିନ ଦିଆଯାଇଛି । ଘର କାମ ନ ସରିବା ଯାଏଁ ସେମାନେ ରିଲଫ ସେଂଟରରେ ଭୋଜନ କରି ପାରିବେ । ଆଜି ସକାଳ ଯାଏଁ ଜିରୋ କାଜୁଆଲଟି । ଶ୍ରୀ ପୂଜାରୀ କହିଛନ୍ତି, ୬ ଲକ୍ଷ ୫୯ ହଜାର ୮୪୨ ପଶୁ ପ୍ରଭାବିତ ହୋଇଛନ୍ତି । ଏଣେ ୭ ଲକ୍ଷ ୩୪ ହଜାର ୭୫ କୁକୁଡ଼ା ପ୍ରଭାବିତ । ପଶୁଙ୍କୁ ସାପ କାମୁଡ଼ା ମାମଲା ଭଦ୍ରକରେ ୪, ଯାଜପୁରରେ ଜଣେ ଓ କେନ୍ଦ୍ରାପଡ଼ା ୭ ନଜରକୁ ଆସିଛି । ସେହିପରି ୨୮ଜଣ ଲୋକଙ୍କୁ ସାପ କାମୁଡ଼ିଛି । ଏଥିରେ ଜଣେ ଡାକ୍ତର ବି ଅଛନ୍ତି ହେଲେ ସମସ୍ତେ ସୁସ୍ଥ ଅଛନ୍ତି । ୧ ଲକ୍ଷ ୨୫ ହଜାର ୯୧୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି । ୫୮୩୯ ଘର ସମ୍ପୂର୍ଣ୍ଣ ବା ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ପାଡ଼ିତମାନଙ୍କୁ ୨୩୨୨.୨ କ୍ୱିଂଟାଲ୍ ଚୁଡ଼ା ଓ ୭୫୫ ପଲିଥିନ ଦିଆଯାଇଛି । ୩୩୫ ମେଡିକାଲ ଟିମ ନିୟୋଜିତ ହୋଇଛନ୍ତି ।ଏଣେ ବିଦ୍ୟୁତ ସରବାରହ କାମ ସରିଲାଣି । ବୁଢାବଳଙ୍ଗ ସତର୍କ ସ୍ତରର ୦.୩୫ ମିଟର ଉପରେ ଅଛି । ହେଲେ ବିପଦ ସଂକେତ ନାହିଁ । ଏସଆରସିଙ୍କ ପାଖକୁ ୧୪ ଜିଲ୍ଲାର ଜିଲାପାଳମାନେ ନଭେମ୍ବର ୨ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।



## ଓଡ଼ିଶାର ମାଟି ଜଗନ୍ନାଥଙ୍କ ମାଟି : ଲୋକସଭା ବାଚସ୍ପତି

ଭୁବନେଶ୍ୱର: ଭୁବନେଶ୍ୱରରେ ପହଂଚିଛନ୍ତି ଲୋକସଭା ବାଚସ୍ପତି ଓମ୍ ବିର୍ଲା । ଦିନିକିଆ ଓଡିଶା ଗସ୍ତରେ ଆସିଛନ୍ତି ଓମ୍ ବିର୍ଲା । ଏହି ଅବସରରେ ଓମ୍ ବିର୍ଲା କହିଛନ୍ତି ଯେ, ଓଡ଼ିଶାର ମାଟି ଜଗନ୍ନାଥଙ୍କ ମାଟି । ଓଡ଼ିଶାର ମାଟି ଆଧାତ୍ମିକ, ଧାର୍ମିକ, ସଂସ୍କୃତି, ଏବଂ ବୀରଯୋଧାଙ୍କ ମାଟି । ଆଜି ଏକ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହ ବିଦ୍ୟାର୍ଥୀମାନଙ୍କ ସହ ଆଲୋଚନା ହେବ । ଭାରତୀୟ ଯୁବକଙ୍କ ରାଷ୍ଟ୍ର ଗଠନରେ କଣ ଯୋଗଦାନ ରହିଛି ସେ ନେଇ ଆଲୋଚନା ହେବ । ଭାରତକୁ ବିକଶିତ ରାଷ୍ଟ୍ର କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି । ଏହା ସହ ଭୁବନେଶ୍ୱରରେ କିଛି ଲୋକପ୍ରତିନିଧିଙ୍କ ସହ ଭେଟିବି । ଲୋକତନ୍ତ୍ରରେ ଲୋକତନ୍ତ୍ରିକ ଶାସନ ପ୍ରଣାଳୀରେ ସମସ୍ତଙ୍କ ଭାଗିଦାରିତାକୁ ନେଇ ଆଲୋଚନା ହେବ । ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଓଡ଼ିଶା ଗସ୍ତରେ ଆସି ରବିବାର ରାଜଭବନରେ ପହଂଚିଛନ୍ତି । ଏଠାରେ ସେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ କରିଛନ୍ତି । ଏହି ସମୟରେ ମୁଖ୍ୟମନ୍ତ୍ରୀ ଓମ୍ ବିର୍ଲାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଓମ୍ ବିର୍ଲା କିଟ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଓଡ଼ିଶା ଆସିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।




ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ଭାବ୍ୟ ବାତ୍ୟା 'ଦାନା' ଓ ପରବର୍ତ୍ତୀ ସାହାଯ୍ୟ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି, ସୋମବାର ଇଂରାଜୀ ତା. ୨୮.୧୦.୨୦୨୪ରିଖ ଦିନ ୟୁନିଟ-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସ୍ଥଗିତ ରଖାଗଲା । ଯେଉଁମାନେ ଏହିଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନ୍‌ଲାଇନ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ସେମାନଙ୍କ ପାଇଁ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।
ସ୍ୱା/-
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ


## ବାତ୍ୟା'ଦାନା' ପ୍ରଭାବରେ ୧୦୮ ବ୍ଲକ ପ୍ରଭାବିତ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,: ବାତ୍ୟା ପରର ସ୍ଥିତି ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ୧୪ ଜିଲାର ୧୦୮ ବ୍ଲକର ୧୬୭୧ ପଂଚାୟତ ପ୍ରଭାବିତ ହୋଇଛି । ୩୧ ସହରାଂଚଳର ୪୨୬ଟି ୱାର୍ଡ ବାତ୍ୟାରେ ମଧ ପ୍ରଭାବିତ ହୋଇଛି ।ଏହି ବାତ୍ୟା ଯୋଗୁ ମୋଟ୍ ୩୫ ଲକ୍ଷ ୯୫ ହଜାର ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବାବେଳେ ୮ ଲକ୍ଷ ୧୦ ହଜାର ୮୯୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିଲା । ୧ ଲକ୍ଷ ୨୫ ହଜାର ୯୧ଟି ଘର କ୍ଷତିଗ୍ରସ୍ତ ହୋଇଛି । ୭୫୫ ଜଣଙ୍କୁ ପାଲ ବଂଟନ କରାଯାଇଥିବା ମନ୍ତ୍ରୀ କହିଛନ୍ତି ।ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶନିବାର ସନ୍ଧ୍ୟାରେ ଏସ୍‌ଆରସିଙ୍କ କାର୍ଯ୍ୟାଳୟରେ ବାତ୍ୟା ପରବର୍ତୀ ସ୍ଥିତି ଓ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇ ପୁନରୁଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ବାତ୍ୟା 'ଦାନା'ରେ ରାଜ୍ୟର ମୁଖ୍ୟତଃ ୩ଟି ଜିଲା ବେଶି ପ୍ରଭାବିତ ହୋଇଛନ୍ତି । ସେହି ଜିଲାଗୁଡ଼ିକ ହେଲା କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର । ଉକ୍ତ ଜିଲାଗୁଡ଼ିକରେ ବିଭିନ୍ନ ସ୍ଥାନରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିଲା । ତେବେ ଅବରୋଧ ହଟାଇବା ପାଇଁ ଗଛକଟା କାର୍ଯ୍ୟ ଆରମ୍ଭ ହୋଇଥିଲା । ତାହା ସରିଆସିଲାଣି । ବିଦ୍ୟୁତ୍ ସଂଯୋଗ ମଧ୍ୟ ସ୍ୱାଭାବିକ ହେଉଛି । କାଲି ସୁଦ୍ଧା ସରିଯିବ ।ଭଦ୍ରକରେ ରାସ୍ତା ଅବରୋଧ ହଟିଛି, ବର୍ଷା ପାଇଁ ବିଦ୍ୟୁତ ମରାମତି ବିଳମ୍ବିତ ହୋଇଛି ।




DSPL-163
ଓଡ଼ିଶା ସରକାର



ଦୁର୍ନୀତି ନିବାରଣ
ସଚେତନତା ସପ୍ତାହ ୨୦୨୪ ପାଳନ
ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ଭଳି ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବା ପାଇଁ ଏବଂ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଆହ୍ୱାନ କରୁଛି ।

ମୋ ସରକାର "ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି" (Zero Tolerance to Corruption) ଅବଲମ୍ବନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ଦୁର୍ନୀତିକୁ ନେଇ କୌଣସି ପ୍ରକାର ସାଲିସ କରାଯିବ ନାହିଁ । ସ୍ୱଚ୍ଛ ଶାସନ, ତୁରନ୍ତ ନିଷ୍ପତ୍ତି ଓ କାର୍ଯ୍ୟାନୁଷ୍ଠାନ, ଉତ୍ତରଦାୟିତ୍ୱ ସହିତ ସାମାଜିକ ନ୍ୟାୟ, ସମାବେଶୀ ଶାସନ ଉପରେ ଆମ ସରକାର ଗୁରୁତ୍ୱ ଦେଉଛନ୍ତି । ଦୁର୍ନୀତି ନିବାରଣ ପାଇଁ ଉଭୟ ଟପ୍ ଡାଉନ୍ ଓ ବଟମ୍ ଅପ୍ ମଡେଲ୍ କାର୍ଯ୍ୟକାରୀ କରାଯାଉଛି ।

ଏହି ଅବସରରେ ମୁଁ ଆମ ରାଜ୍ୟର ଦୁର୍ନୀତି ନିବାରଣ ବିଭାଗକୁ ଦୁର୍ନୀତି ବିରୋଧରେ ସେମାନଙ୍କ ଦୃଷ୍ଟାନ୍ତମୂଳକ ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଉଛି ।

ଦୁର୍ନୀତିକୁ ଦୂର କରିବା ପାଇଁ ବ୍ୟାପକ ଓ ସମନ୍ୱିତ ଉଦ୍ୟମ ଲୋଡା । ଏହି ଅଭିଯାନରେ ସମାଜର ସମସ୍ତ ବର୍ଗର ଅକୁଣ୍ଠ ସମର୍ଥନ ଓ ସହଯୋଗ ଅତ୍ୟନ୍ତ ଜରୁରୀ ।

ଆସନ୍ତୁ, ଏକ ବିକଶିତ ତଥା ଦୁର୍ନୀତିମୁକ୍ତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସତ୍ୟନିଷ୍ଠ ସଂସ୍କୃତିକୁ ଜୀବନର ଅଂଶବିଶେଷ ଭାବେ ଗ୍ରହଣ କରି କାମ କରି ଚାଲିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା

OIPR: 12177/13/0001/2425





# ଜିଲ୍ଲାରେ ୪୦୦ରୁ ଉର୍ଦ୍ଧ କାଳୀ ମେଢ଼ :ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର(ଦେବବ୍ରତ ପାଣିଗ୍ରାହୀଙ୍କ ଠାରୁ): ଆଲୋକର ପର୍ବ ଶୁଭ ଦୀପାବଳି ଉତ୍ସବ ପାଳନ ପାଇଁ ବାଲେଶ୍ୱର ଜିଲ୍ଲା ସମେତ ସହର ଉତ୍ସବ ମୁଖରିତ ହୋଇଆସୁଥିବାବେଳେ ଆଉ ୩ ଦିନ ସମୟକୁ ଅପେକ୍ଷା । ବାଣ ଦୋକାନ ପାଇଁ ରାଜ୍ୟସରକାର କେନ୍ଦ୍ରସରକାରଙ୍କ ପକ୍ଷରୁ ଅଙ୍କୁଶ ଜାରି କରାଯାଇଥିବାବେଳେ ଏବେ ବିଭିନ୍ନ ଅଂଚଳରେ ବାଣ ବ୍ୟବସାୟ ପାଇଁ ବ୍ୟସାୟମାନେ ଲାଇସେନ୍ସ ସଂଗ୍ରହ କରିବା ଓ ସ୍ଥାନ ନିର୍ଦ୍ଧାରଣ କରିବା ଅଂଟା ଭିଡ଼ିଛନ୍ତି । ଆସନ୍ତା ୩୧ ତାରିଖ କାଳିପୂଜା ଅବସରରେ ଖୁଲମଖୁଲା ହେଉ ବା ଚୋରାରେ ହେଉ ବାଣ ବିକ୍ରୟ, ଆତସବାଜି କାର୍ଯ୍ୟକ୍ରମ ନିଶ୍ଚିତ ରୂପେ ହେବ ବୋଲି ଆଶଙ୍କା କରାଯାଇଛି । ଏହାଛଡ଼ା ଜିଲ୍ଲାସ୍କୁଲ ପୁରାତନ ଖେଳପଡ଼ିଆ ପରିସରରେ ଏବଂ ଆଇଟିଆଇ ପଡ଼ିଆ ପରିସରରେ ସର୍ବସାଧାରଣଙ୍କ ନିମନ୍ତେ ବାଣ ବିକ୍ରୟ ବ୍ୟବସ୍ଥା କରାଯାଇଛି । ସାର୍ବଜନୀନ କାଳିପୂଜା ଓ ସୁଉଚ୍ଚତୋରଣ ମେଢ଼ ପାଇଁ ବ୍ୟାପକ ବ୍ୟବସ୍ଥା ଆରମ୍ଭ ହୋଇଯାଇଛି । ସହରରେ କେବଳ ନିମ୍ନମାନର ବାଣ ବିକ୍ରୟ କରାଯିବ ବୋଲି କୁହାଯାଉଥିବାବେଳେ ଏହି ଉତ୍ସବକୁ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିବା ପାଇଁ ଏବେ ଠାରୁ ପ୍ରତ୍ୟେକ ସମ୍ପ୍ରଦାୟର ପରିବାର ମଧ୍ୟରେ ଉତ୍ସାହ ଉଦ୍ଦିପନା ଦେଖା ଦେଇଛି । ଖବର ନେବାକୁ ଜଣାଯାଇଛି କି, ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲା ସମେତ ୪୦୦ରୁ ଉର୍ଦ୍ଧ୍ୱ ମା' କାଳିଙ୍କ ମୂର୍ତି ମଣ୍ଡପ ମାଧ୍ୟମରେ ପୂଜାର୍ଚ୍ଚନା ହେବ । ଖବରରୁ ପ୍ରକାଶ ଆସନ୍ତା ୩୧ ଓ ନଭେମ୍ବର୧ ଦୁଇ ଦିନ ଧରି ମା'ଙ୍କ ପୂଜା ପାଇଁ ବ୍ୟବସ୍ଥା ହେଉଥିବାବେଳେ ବାଲେଶ୍ୱର ସହରର ୧୩ଟି ସ୍ଥାନରେ ଯଥା ଆଜିମାବାଦ, ମଙ୍ଗଳବଜାର, ମୋତିଗଞ୍ଜ, ଚୌକବଜାର, ବଙ୍କାଖେଜୁର, ପାତ୍ରପଡ଼ା, ବଣିଆପଟି, ବାଲେଶ୍ୱର ରେଲୱେ ଇଷ୍ଟିଚ୍ୟୁଟ, ବାଲେଶ୍ୱ ଜିଲ୍ଲାଦୌରାଜଜ୍‌ଙ୍କ ଅଦାଲତ ସମ୍ମୁଖ, ଫାଣ୍ଡିଛକ କାଳିମଣ୍ଡପ, ସୁନହଟ୍, ବିବେକାନନ୍ଦମାର୍ଗ, ପୁରୁଣା ବାଲେଶ୍ୱର ପ୍ରମୁଖ ଅ□ଳରେ ମା'ଙ୍କ ପୂଜା ହେଉଥିବାବେଳେ ସୋର ଠାରେ ୧୮ଟି ସ୍ଥାନରେ ଯଥା ମଛୁଆ ବଜାର, ମୋବାରକପୁର, ରେଲୱେ ଷ୍ଟେସନ୍, କୁରୁବାଇ ଆଶ୍ରମ ସ୍କୁଲ, ଅନନ୍ତପୁର, ବିଦ୍ୟୁତ୍ ସାବିରା, ସାଉଡ଼, ମଙ୍ଗଳପୁର, ବାଗୁଡ଼ି, ପାଖର, ନଦୀଗାଁ ପ୍ରମୁଖ ଅ□ଳରେ ପୂଜା ହେଉଛି । ସେହିପରି ଖନ୍ତାପଡ଼ା ଅ□ଳରେ ୧୦ଟି ସ୍ଥାନରେ ଯଥା ବାରିକପୁର, ବାହାନଗା, ଖନ୍ତାପଡ଼ା, ପଣପଣା, ଗୋପାଳପୁର, ଅଞ୍ଜି, ଅଭଣା ଖରାସାହାପୁର, ଦହିସଡ଼ା ଆରୁହାବାଗ୍, ଖଇରାର ୫ଟି ଯଥା କୁପାରି ଖଇରା ତୁଡ଼ି ଗଡ଼ିଆ, ଗଣ୍ଡିବେଡ଼ ଡଗରପଡ଼ା । ସିମୁଳିଆରେ ୮ଟି ଅଡ଼ା, ବରି, ଶ୍ରୀକୋଣା, ବାଟି ମାର୍କୋଣା, ଅନ୍ତରା, ବାଲିଖଣ୍ଡ । ସଦରରେ ୪ଟି ଯଥା ରସାଳପୁର, କୁରୁଡ଼ା, ଜୟଦେବକସବା, ଇ□ୁଡ଼ି । ଓଡ଼ିପୁରରେ ୨ଟି ନୂଆନଇ ଘାଟ, ବଳରାମ ଗଡ଼ି, ବସ୍ତାରେ ୭ଟି ଯଥା ବସ୍ତା ବଜାର, ରେଳଷ୍ଟେସନ୍, ରାଜଘାଟ, ଭେଲୋରା, ହଳଦୀପଦା, ଅମର୍ଦ୍ଦାରୋଡ଼, ଅମର୍ଦ୍ଦା ଷ୍ଟେସନ୍ ଛକ, ସେହିପରି ରୂପ୍‌ସାରେ ୨ଟି ଯଥା ପ୍ରତାପପୁର ବଜାର, ଷ୍ଟେସନ୍ ବଜାର, ସିଂଲାରେ ୬ଟି ଯଥା ଜାମଶୁଳି, ଲଙ୍ଗଳେଶ୍ୱର, ପାଉଁଶକୂଳି, ଚୂରମରା, ସାର୍ଥା, ବାଲିଆପାଳରେ ୭ଟି ଯଥା ବାଲିଆପାଳ, କାଳିପଦା, ପ□ୁପାଲି, ବଡ଼ାଶ, ନାନ୍ଧାତା, ଜାମତକୁଲା, ଖପରାପଦା, ଔପଦାରେ ୩ଟି ଯଥା ଔପଦା, ଗଡ଼ସାହି, ବଡ଼ ପୋଖରୀ, ବ୍ରହ୍ମପୁରରେ ୫ଟି ବ୍ରହ୍ମପୁର, ଗୋହିରା, ଜମୁନା, ମାଟିଆଳି, ନରଣପୁର, ନୀଳଗିରିରେ ୭ଟି ଯଥା ସଜନାଗଡ଼, ପୋଡ଼ାଶୂଳ, ନୀଳଗିରି, ହାଟଛକ, କଚେରୀ ବଜାର, ମିତ୍ରପୁର, କାଁଶ, ଈଶ୍ୱରପୁର, ରେମୁଣାରେ ୭ଟି ରେମୁଣା ବାସନ୍ତି ବଜାର, ସାହାଜିପାଟଣା, ଥାଟରିସାହି, ମାଡ଼ିପୁର, ସମରାଇପୁର, ବଙ୍ଗାଳୀସାହିର ଦୁଇଟି ସ୍ଥାନରେ କାଳୀପୂଜା ଖୁବ୍ ଧୂମ୍‌ଧାମରେ ପାଳିତ ହେଉଥିବାବେଳେ ଭୋଗରାଇରେ ୧୫ଟି ସ୍ଥାନରେ ପୂଜା ହେଉଛି ଯଥା- ଥାନାଛକ, ବାଟଗ୍ରାମ, ନୂଆଗାଁ, କଖଡ଼ା, ଭୋଗରାଇ ହାଟ, ବିରୋଧାପୁର, ଜୟରାମପୁର, ହାଟ, ଭୋଗରାଇ ବ୍ଲକ୍, ଦେଉଳା, ଚୌକି, ଚନ୍ଦନେଶ୍ୱରର ୩ଟି ସ୍ଥାନରେ ପୂଜା ହେଉଥିବାବେଳେ ଋଣପୁର ଠାରେ ପୂଜା ହେଉଛି । ସେହିପରି କମର୍ଦ୍ଦା ଥାନା ଅ□ଳରେ ୮ଟି ସ୍ଥାନରେ ଯଥା- ନହରା, କମର୍ଦ୍ଦା, ବାରମାଇଲି, ମାଣିଦା, ମହାଗବ, ଦେହୁର୍ଦ୍ଦା, ଦହମୁଣ୍ଡାର ଦୁଇଟି ସ୍ଥାନରେ ପୂଜା ହେଉଥିବାବେଳେ ଜଳେଶ୍ୱରର ୧୩ଟି ସ୍ଥାନରେ ଯଥା- ଷ୍ଟେସନ୍‌ବଜାର, ବଡ଼ବଜାର, ନୂଆବଜାର, ଜଳେଶ୍ୱର ହାଟ, ପଶ୍ଚିମବାଡ଼, ରାୟରାମଚନ୍ଦ୍ରପୁର, ଚୌମୁଖ, ଲକ୍ଷ୍ମଣନାଥ, ଅଗ୍ରଓ୍ୱାଲଶଛକ, ସୁଗୋ, ନାମ୍ପୋ ପ୍ରମୁଖ ଅ□ଳରେ ମା'ଙ୍କ ପୂଜା ପାଇଁ ତତ୍ପରତା ପ୍ରକାଶ ପାଇଛି । ସେହିପରି ରାଇବଣିଆ ଥାନା ଅ□ଳରେ ୫ଟି ସ୍ଥାନରେ ଯଥା- ରାଇବଣିଆ, ଖୁଆଡ଼, କୁଶଗଠ, ହାତୀଗଠ, କେଏମ୍ ସାହି ଓ ଶିଙ୍କ୍ଷା□ଳ ଥାନା ଅ□ଳରେ ରେମୁଣା ଗୋଲେଇ ଠାରେ ପୂଜା ହେଉଥିବା ଖବର ମିଳିଛି । ସାର୍ବଜନୀନ କାଳୀପୂଜା କମିଟିର କର୍ମକର୍ତାମାନଙ୍କ ପକ୍ଷରୁ କାଳୀ ମଣ୍ଡପ ଗୁଡ଼ିକୁ ସୁଉଚ୍ଚ ତୋରଣ, ଉଜ୍ୱଳ ଆଲୋକମାଳାରେ ସାଜସଜ୍ଜା କରାଯାଇଛି । ବିଭିନ୍ନ ମଣ୍ଡପ ଠାରେ ଯାତ୍ରା, ସାଂସ୍କୃତିକ ଅନୁଷ୍ଠାନ, ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ଇତ୍ୟାଦିର ବ୍ୟାପକ ପ୍ରସ୍ତୁତି କରାଯାଇଛି । ଖାଲି ସେତିକି ନୁହେଁ ଗ୍ରାମା□ଳରେ ଗଢ଼ି ଉଠିଥିବା ଥାନାଗୁଡ଼ିକ ଅଧିନରେ ଖୋଲିବା ପାଇଁ ବାଣ ଦୋକାନୀମାନେ ଏବେଠାରୁ ପୋଲିସଙ୍କ ସହ ଯୋଗସୂତ୍ର ରକ୍ଷା କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଯଦିଚ ସରକାର କୋଭିଡ-୧୯ ଆଇନକୁ କଡ଼ାକଡ଼ି କରି ସମ୍ପୂର୍ଣ୍ଣ ରୂପେ ଦିବାଲି ବାଣଫୁଟା, ବାଣ ବିକ୍ରୟକୁ ବନ୍ଦ କରିଛନ୍ତି, ତଥାପି ଲୁଚାଛପା ଏହି ବ୍ୟବସାୟ ଚାଲିବ ବୋଲି କୁହାଯାଇଛି । ଏମିତିକି ଅନେକଙ୍କ ଲାଇସେନ୍ସ ନଥିବା ଯୋଗୁଁ ବେଆଇନ୍ ଭାବେ ଅତ୍ୟାଧୁନିକ ବାଣଗୁଡ଼ିକ ବିକ୍ରୟ କରୁଥବାଯୋଗୁଁ ଧନ ଜୀବନ ପ୍ରତି ବିପଦ ଦେଖାଦେଇଛି । ଏହି ସବୁ ଦୋକାନଗୁଡ଼ିକ ଉପରେ ପୋଲିସ ପକ୍ଷରୁ ଚଢ଼ାଉ କରାଯିବା ଏକାନ୍ତ ଆବଶ୍ୟକ ବୋଲି ଜନଦାବି ହୋଇଛି । ତାଛଡ଼ା ସମ୍ବେଦନଶୀଳ ଅ□ଳ ଗୁଡ଼ିକରେ ଜିଲ୍ଲା ପୋଲିସ ପ୍ରକାଶସନ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯିବା ନିମନ୍ତେ ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ସମସ୍ତ ଥାନାର ଥାନା ଅଧିକାରୀମାନଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ, ବିଗତ ଦିନରେ ବସ୍ତା ଥାନା ଅଧିନ ବାଛୁରିପଡ଼ା ଠାରେ ବିସ୍ଫୋରକ ସାମଗ୍ରୀ ମହଜୁଦ୍ ଘଟଣାରେ ୧୬ଜଣଙ୍କ ପ୍ରାଣହାନୀ ଘଟିଥିଲା । ସେହିପରି ଏବେଠୁ ବାଲେଶ୍ୱର ସହରରେ ବାରୁଦ ପର୍ଯ୍ୟାପ୍ତ ପରିମାଣରେ ଅର୍ଥାତ୍ ବେଆଇନ୍ ଭାବେ କାଶି ବିଶ୍ୱନାଥ, ବାରଣାସି ଓ କଲିକତାରୁ ଟ୍ରକ ଟ୍ରକ ବାଣ ଅଣାଯାଇ ବିଭିନ୍ନ ଅଂଚଳରେ ସହରର ମଧ୍ୟ ଭାଗରେ ଗଚ୍ଛିତ କରାଯାଇ ରଖାଯାଇଛି । ଏଣେ ରାଜ୍ୟ ସରକାରଙ୍କ ପକ୍ଷରୁ କାଳିପୂଜା ସମୟରେ ବାତ୍ୟା, ବର୍ଷା ହେବ ବୋଲି ବାରମ୍ବାର କୁହାଯାଉଥିଲେ ହେଁ ବ୍ୟବସାୟୀମାନେ ଯେହେତୁ ପୂର୍ବରୁ ୨ବର୍ଷରେ ଆତସବାଜି କାର୍ଯ୍ୟକ୍ରମ କମ୍ ହୋଇଥିଲା ଏବର୍ଷ ଜୋରରେ ହେବ ବୋଲି ବ୍ୟବସାୟୀମାନେ ଆଶା ରଖି ଲକ୍ଷଲକ୍ଷ ଟଙ୍କାର ବାଣ ଆଣି ମହଜୁଦ ରଖିଛନ୍ତି । କେଉଁ ମୁହୂର୍ତରେ ବାଲେଶ୍ୱର ସହରରେ ବାଛୁରିପଡ଼ା ବିସ୍ଫୋରଣ ନହେବ ବୋଲି କହିବା ବାହୁଲ୍ୟ । ତା'ଛଡ଼ା ଚଳିତ ବର୍ଷ ସହରକୁ ବଡ଼ବଡ଼ ମହାନଗରୀ ମୁମ୍ବାଇ, କଲିକତା, ଦିଲ୍ଲୀରେ ଯେଉଁଭଳି ଭାବେ ଅତ୍ୟାଧୁନିକ ଆଲୋକମାଳାରେ ଘରକୁ ଦୀପାବଳି ସହ ସାଜସଜ୍ଜା କରାଯାଏ, ଠିକ୍ ସେହିପରି ଅତ୍ୟାଧୁନିକ ଆଲୋକମାଳା ସହ ଭିନ୍ନ ଭିନ୍ନ କିସମର ସାଜସଜ୍ଜା ସାମଗ୍ରୀ ଏବେଠାରୁ ବଜାରରେ ବେଶ୍ ଚଢ଼ା ଦରରେ ବିକ୍ରୟ ଆରମ୍ଭ ହୋଇଛି ।

**ପ୍ରଶାସନ ପକ୍ଷରୁ ସମ୍ବେଦନଶୀଳ ଅଂଚଳ ପାଇଁ ସତର୍କ ଦୃଷ୍ଟି**





## 'ପ୍ରଜାପତି'ର ଉପାଦେୟ ଚିତାକର୍ଷକ




ବାଲେଶ୍ୱର(ନି.ପ୍ର.): କାହାର ବାହାର ରୂପକୁ ଦେଖି ତା' ମନ ଭିତରେ ସ୍ୱରୂପ ଓ ସୌନ୍ଦର୍ଯ୍ୟକୁ ବୁଝିବା କଷ୍ଟକର । ଯେମିତି ସଂବାଲୁଆର ଖୋଳପା ଭିତରେ ଏକ ସୁନ୍ଦର ପ୍ରଜାପତି ଲୁଚି ରହିଥାଏ । ସେହିପରି ରୁକ୍ଷ ମଣିଷର ହୃଦୟର ମଧ୍ୟ କୋମଳତାର ସ୍ପର୍ଶ ରହିଥାଏ । ଏହିଭଳି ସାମାଜିକ ଜୀବନର ପ୍ରତିଛବିକୁ ନେଇ ରହସ୍ୟ ରୋମାଂଚଭରା ଏକ ପାରିବାରିକ ନାଟକ 'ପ୍ରଜାପତି' ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଶନିବାର ସଂଧ୍ୟାରେ ମଂଚସ୍ଥ ହୋଇଛି । ନାଟ୍ୟାନୁଷ୍ଠାନ 'କଳାକାର'ର ୩୪ତମ ବାର୍ଷିକ ଉତ୍ସବ ତଥା ଶିଶୁ ନାଟକ ମହୋତ୍ସବ ରୌପ୍ୟଜୟନ୍ତୀର ନବମ ସଂଧ୍ୟାରେ କଳାକାର ପରିବାର ପକ୍ଷରୁ ଏହି ନାଟକ ପରିବେଷଣ କରାଯାଇଥିଲା । ଜଷ୍ଟିସ୍ ଅରୁଣ ପରିଚ୍ଛାଙ୍କ ରଚିତ ଏହି ନାଟକରେ ଇଂ ଶ୍ରୀତମ ନିର୍ଦ୍ଦେଶନା ଦେଇଥିଲେ । 'କଳାକାର' ର ସଭାପତି ସୁରଂଜନ ଦାସ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ମୁଖ୍ୟ ଅତିଥି, ନାଟ୍ୟକାର ଚିନ୍ମୟ ରକ୍ଷିତ, ଶିକ୍ଷାବିତ୍ କମଳାକାନ୍ତ ଆଚାର୍ଯ୍ୟ, ଶିକ୍ଷାବିତ ରଜେନ୍ଦ୍ର କିଶୋର ରାୟ ଓ ଅଭିନେତା ମନ୍ମୟ ଦେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟ୍ୟ କଳାକୁ ଉଜ୍ଜୀବିତ ରଖିବା ଓ କଳାକାରଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟିରେ 'କଳାକାର' ଅନୁଷ୍ଠାନର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । ଅଶ୍ୱିନୀ ସ ବିବରଣୀ ପାଠ ଓ ତପନ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

## ସାମାଜିକ କର୍ମୀ ହେମନ୍ତ ଜେନାଙ୍କ ପରଲୋକ

ବାଲେଶ୍ୱର(ନି.ପ୍ର.) : ପ୍ରଳୟଙ୍କରୀ ବାତ୍ୟାର ପ୍ରକୋପ ମଧ୍ୟରେ ବାଲେଶ୍ୱର ସହର ବୈରାମନଗରର ଜଣାଶୁଣା ସାମାଜିକ କର୍ମୀ ହେମନ୍ତ ଜେନାଙ୍କର ଗତକାଲି ସନ୍ଧ୍ୟା ୭ଟା ସମୟରେ ୭୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା । ଚିକିତ୍ସା ସମୟରେ ହିଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଭାରତୀୟ ସାମରିକ ବିଭାଗରେ ଚାକିରୀ କରି ଅବସର ଗ୍ରହଣ କରିବା ପରେ ଶ୍ରୀଯୁକ୍ତ ଜେନା ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ରାଜନୀତିରେ ମଧ ଯୋଗଦେଇ ଓ୍ୱାର୍ଡ଼ କାଉନସିଲର ଭାବରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ିଥିଲେ । ପରେ 'ଷ୍ଟାର ସିକ୍ୟୁରିଟି ଏଜେନ୍ସି' ନାମରେ ଏକ ସିକୁରିଟି ପ୍ଲେସମେଂଟ ସଂସ୍ଥାର ନିର୍ଦ୍ଦେଶକ ଭାବରେ ସେ କାର୍ଯ୍ୟ କରୁଥିଲେ । ଶ୍ରୀଯୁକ୍ତ ଜେନାଙ୍କର ବିୟୋଗ ପରେ ତାଙ୍କର ଭଣଜା ଗଞ୍ଜାମର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବଡ଼ ଭଉଣୀ କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ରର ବିଶିଷ୍ଟ ବୈଜ୍ଞାନିକ ତଥା ବିଶିଷ୍ଟ ଲେଖିକା ଡକ୍ଟର ମାୟାବିନୀ ଜେନା ପ୍ରମୁଖ ତାଙ୍କ ଅନ୍ତେଷ୍ଟିକ୍ରିୟାରେ ଯୋଗ ଦେଇଛନ୍ତି । ସାମାଜିକ ସଂଗଠନ 'ମାସ୍'ର ସଭାପତି କବି ଅଭୟ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ଜେନାଙ୍କ ଶେଷ ଦର୍ଶନ କରିବା ସହିତ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ବଟେଶ୍ୱର ମୁନି ସମାଜର ବାର୍ଷିକୋତ୍ସବ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ରବିବାର ଦିନ ବଟେଶ୍ୱରସ୍ଥ ମୁନିସମାଜ ଯୋଗ ଶିକ୍ଷା କେନ୍ଦ୍ରରେ ୧୪୧ ତମ ମୁନୀଶ୍ୱର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଥିଲା । ଏଥିରେ ପ୍ରାୟ ଶତାଧିକ ମୁନିସମାଜର ସଦସ୍ୟ ସଦସ୍ୟା ଯୋଗ ଦେଇ ମୁନିସମାଜର ପ୍ରତିଷ୍ଠାତା ଆଦି ମୁନୀଶ୍ୱର ଶିବମୁନିଙ୍କର ଜୀବାଦ୍ୱୈତବାଦ ତଥା ତାଙ୍କର ଉଦ୍ଭାବିତ ଚକ୍ର ଭେଦନ ସାଧନ ର ବୈଶିଷ୍ଟ୍ୟ ତଥା ଉପଯୋଗୀତା ବିଷୟରେ ବହୁତ ତର୍କପୂର୍ଣ୍ଣ ଆଲୋଚନା ମୁନି ଓ ମୁନିମତୀ ମାନେ କରିଥିଲେ ଏବଂ ସେମାନେ ଏହାଦ୍ୱାରା କିପରି ଉପକୃତ



ହୋଇଛନ୍ତି ତାହା ଉପସ୍ଥାପନ କରିଥିଲେ । ସର୍ବଶେଷରେ କେନ୍ଦ୍ରର ଉପଦେଷ୍ଟା ଯୋଗାଚାର୍ଯ୍ୟ କଳାକୃଷ୍ଣ ମୁନି, ସଭାପତି ଯୋଗୀ ଦୟାନିଧି ମୁନି, ଯୋଗ ଶିକ୍ଷକ ଉଜ୍ୱଳ କୁମାର ମୁନି, ଯୋଗ ଶିକ୍ଷକ ଡ଼ଃ ହରେକୃଷ୍ଣ ମୁନି, ଯୋଗଶିକ୍ଷକ କାର୍ତିକ ମୁନି ଓ ଯୋଗ ଶିକ୍ଷକ ହରେକୃଷ୍ଣ ମୁନି ତାଙ୍କର ଅତି ସଂକ୍ଷିପ୍ତ ଭାଷଣରେ ଶିବମୁନିଙ୍କର ଜୀବନଚରିତକୁ ଅତି ଚମତ୍କାର ଭାବରେ ଉପସ୍ଥାପନ କରି ସମସ୍ତଙ୍କର ମନ କିଣି ନେଇଥିଲେ ଯାହା ଉତ୍ସବଟିକୁ ଅତି ସଫଳ ମଣ୍ଡିତ କରିଥିଲା । ଉତ୍ସବ ସମାପନ ପରେ ସହ ଭୋଜନର ଆୟୋଜନ ହୋଇଥିଲା ।

## କାଳିମନ୍ଦିର ଯୋଗକେନ୍ଦ୍ର ତରଫରୁ ସେବାକାର୍ଯ୍ୟ

ବାଲେଶ୍ୱର,(ନି.ପ୍ର.): କାଳିମନ୍ଦିର ଯୋଗକେନ୍ଦ୍ର ତରଫରୁ ଏକ ସେବାକାର୍ଯ୍ୟ କୁରୁଡ଼ାସ୍ଥିତ 'ପ୍ରତିକ୍ଷା' ଅନୁଷ୍ଠାନରେ ସଂଗଠିତ ହୋଇଯାଇଛି । ସେଠାରେ ଥିବା ମାନସିକ ବିକଳାଙ୍ଗ ପିଲାମାନଙ୍କର ପ୍ରଶିକ୍ଷଣ ନିମନ୍ତେ ଅନୁଷ୍ଠାନ ତରଫରୁ ଅତ୍ୟନ୍ତ ସୁନ୍ଦର ଓ ମନୋରମ ପରିବେଶ ସୃଷ୍ଟି କରାଯାଇଅଛି । ଯୋଗକେନ୍ଦ୍ରର ସାଧକ ସାଧିକାମାନଙ୍କ ଦ୍ୱାରା ସେଠାରେ ପିଲାମାନଙ୍କ ସହିତ ନାଚଗୀତ ଓ ମିଳନର ଏକ ଅପୂର୍ବ ପରିବେଶ ସୃଷ୍ଟି ହୋଇଥିଲା । କିଛି ପିଲା ଶୁଣିପାରୁ ନଥିବାବେଳେ କିଛି ଦେଖି ପାରୁନଥିଲେ । କିଛି ପିଲା ପୋଲିଓ



ଭଳି ରୋଗରେ ପିଡ଼ିତ ଥିଲେ । ମାନସିକ ବିକଳାଙ୍ଗ ପିଲାମାନଙ୍କ ସହିତ ଅନ୍ତରଙ୍ଗ ହୋଇ ସମସ୍ତଙ୍କୁ ଆନନ୍ଦ ମିଳିଥିଲା । ଏଥିରେ କେନ୍ଦ୍ରର ସଭାପତି ପ୍ର. ଜୟସ୍ମିତା ନାୟକ, ଉପସଭାପତି ରୀତା ରାଉତ, ସମ୍ପାଦକ ରଞ୍ଜନ କୁମାର ସାହୁ, ସହସମ୍ପାଦକ ଧ୍ରୁବଚରଣ ବେହେରା, ସଭ୍ୟ ବିଶ୍ୱନାଥ ସିଂ, ଦୀପ୍ତିବନ୍ତ ଦାସ, ଆଲେଦା ଉମାଶ୍ରୀ, ଚିନ୍ମୟ ଦାସ, ବ୍ୟାସଦେବ ରାଉତ, ସୀତା ବେହେରା, ହରିପ୍ରିୟା ରଣା, ଏଡ଼୍‌ଭୋକେଟ୍ ସ୍ନେହଲତା ଦାସପତି, ଭୂପତି ବାରିକ, ରୀତା ସାହୁ, ଜ୍ୟୋତି ସାହୁ, ରଷି ସାହୁ, ହେମଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ । ଝାଡ଼େଶ୍ୱର ହୋଟେଲ ତରଫରୁ ପିଲାମାନଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ଓ ବସ୍ତ୍ର ଦିଆଯାଇଥିଲା । ଅନୁଷ୍ଠାନର କର୍ମକ□ା ଓ ଯୋଗଗୁରୁ ସୁଜିତ୍ କୁମାର ଜେନା ଏହାକୁ ପରିଚାଳନା କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ୧୧୫ ତମ ମନ୍-କି-ବାତ୍ କାର୍ଯ୍ୟକ୍ରମ

ବାଲେଶ୍ୱର(ନି.ପ୍ର.)ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବିଶ୍ୱର ସର୍ବାଦୃତ ଲୋକପ୍ରିୟ କାର୍ଯ୍ୟକ୍ରମ ମନ୍-କି-ବାତ୍ ର ୧୧୫ ତମ ସଂସ୍କରଣ ଆଜି ଦିବା ୧୧ ସମୟରେ ପ୍ରସାରିତ ହୋଇଯାଇଛି । ଏଥରେ ସବୁଥର ଭଳି ଅନେକ ବିନ୍ଦୁ ଉପରେ ଚର୍ଚ୍ଚା ଆଲୋଚନା କରିଥିଲେ । ସବୁଠାରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଆନିମେସନ୍ ଦୁନିଆରେ ଭାରତ ଏକ ନୂତନ ବିପ୍ଲବ ଆଡକୁ ଗତି କରୁଛି ଏବଂ ଦେଶକୁ ବିଶ୍ୱ ଆନିମେସନ୍ ପାୱାରହାଉସ୍ କରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି । 'ଛୋଟା ଭୀମ', 'ହନୁମାନ' ଏବଂ 'ମୋଟୁ-ପତଲୁ' ପରି ଭାରତୀୟ ଆନିମେଟେଡ୍ ସିରିଜର ଲୋକପ୍ରିୟତା ବିଷୟରେ ସେ



ଉଲ୍ଲେଖ କରିଥିଲେ । ଆଜିର ମନ୍-କି-ବାତ୍ କାର୍ଯ୍ୟକ୍ରମରେ ସବୁଠାରୁ ଅଧିକ ପ୍ରେରଣାଦାୟୀ ବିଷୟ ଥିଲା ବୈଦୁତିକ ଗିରଫ ବା ଡିଜିଟାଲ ଆରେଷ୍ଟ । ଯେଉଁଥିରେ ପ୍ରଥମ ଥର ପାଇଁ ପିଏମ ମୋଦୀ ଡିଜିଟାଲ ଗିରଫ ଘଟଣା ବିଷୟରେ କହିଥିଲେ ଏବଂ ଲୋକଙ୍କୁ ସଚେତନ କରାଇଥିଲେ । ଏହା ବ୍ୟତୀତ ସେ ଏହାକୁ ରୋକିବା ପାଇଁ ଉପାୟ ବିଷୟରେ ମଧ କହିଥିଲେ । ମନ୍-କି-ବାତ୍ ଶୁଣିବା ପାଇଁ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ମହିଳା ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ଉପସଭାପତି କମଳଲୋଚନ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ନଗର ସଭାପତି ଚିତରଞ୍ଜନ ପଣ୍ଡା, ଜିଲ୍ଲା ସମ୍ପାଦିକା ମହୁଆ ପ୍ରଧାନ, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସୁସ୍ମିତା ପଣ୍ଡା, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ଓ ମଧୁଶ୍ରୀ ପଣ୍ଡା ଉପସ୍ଥିତ ଥିଲେ ।

## ଶିଶୁ ନାଟକ ମହୋତ୍ସବର ରୌପ୍ୟ ଜୟନ୍ତୀ ପୁରସ୍କାର ବିତରଣ ଉତ୍ସବ

ବାଲେଶ୍ୱର(ନି.ପ୍ର.) ୨୭ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧିସ୍ମୃତିଭବନ ପରିସରରେ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା କଳାକାର ବାଲେଶ୍ୱରର ଶିଶୁ ନାଟକ ମହୋତ୍ସବର ରୌପ୍ୟ ଜୟନ୍ତୀ ଓ ୩୪ତମ ବାର୍ଷିକୋତ୍ସବ ପରିପ୍ରେକ୍ଷୀରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବସ୍ତା ବିଧାୟିକା ତଥା ରୌପ୍ୟଜୟନ୍ତୀର ଅଧ୍ୟକ୍ଷା ସୁବାସିନୀ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ ଅତିଥି ଭାବେ ମାନସ କୁମାର ଦତ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ପୌରାଧ୍ୟକ୍ଷା ସବିତା ସାହୁ, 'ଆମ ଟିଭି'ର ନିର୍ଦ୍ଦେଶକ ବିପ୍ଳବ କୁମାର ମହାନ୍ତି, ଚଳଚ୍ଚିତ୍ର ଓ ଟେଲିଭିଜନ ନିର୍ଦ୍ଦେଶକ ତାପସ ସରଘରିଆ, ସିନେ ଅଭିନେତ୍ରୀ ମିତାଲୀ ସରଘରିଆ ଏବଂ ଶିଶୁ ସ୍ୱାସ୍ଥ୍ୟ ଅଧିକାରୀ ଏଲିନା ସାମଲ ପ୍ରମୁଖ ଯୋଗ ଦେଇଥିବା ବେଳେ କଳାକାରର ସଭାପତି ସୁରଂଜନ ଦାସ ମହାପାତ୍ର ମଂଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । କଳାକାରର ସମ୍ପାଦକ ଶ୍ରୀତମ କୁମାର ସିଂ ଧନ୍ୟବାଦ ଦେଇଥିଲା ବେଳେ ମଂଚ ଆହ୍ୱାନ କରିଥିଲେ ଅଶ୍ୱିନୀ ସ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ନାଟ୍ୟକଳାକାର ୪୬ଜଣଙ୍କୁ ପୁରସ୍କୃତ କରାଯାଇଥିଲା ।

# ଦାନା ଛଡ଼ାଇ ନେଲା ଚାଷୀଙ୍କ ମୁହଁରୁ ଦାନା



ସୋର(ନିପ୍ର): ବାତ୍ୟା ଦାନା ସୋର ବ୍ଲକରେ ବ୍ୟାପକ ଚାଷଜମି କ୍ଷୟକ୍ଷତି କରିଥିବା ଜଣାପଡିଛି । ସୋର ବ୍ଲକରେ ମୋଟ ୧୪୪୫୦ ହେକ୍ଟର ଜମିରେ ଧାନ ଚାଷ କରାଯାଇଥିବା ବେଳେ ୧୮୩୫ ହେକ୍ଟର ଜମିରେ ପରିବା ଚାଷ କରାଯାଇଥିଲା । ତନ୍ମଧ୍ୟରୁ ମୁଖ୍ୟତଃ ସୋର ବ୍ଲକର ଶିଙ୍ଗାଖୁଂଟା, ମହୁମୁହାଣ, ଗୋପୀନାଥପୁର, ମାଣିପୁର. ଦହିସଡା, ମୁଳିସିଂ, ପାଖର, ଙ୍କେଟେଇ, ସବିରା, ତଳନଗର, ନଟାପଡା, ମାଣତ୍ରୀ, ମାଣିପୁର ପ୍ରଭୃତି ପଂଚାୟତମାନଙ୍କରେ ହୋଇଥିବା ପରିବା ଏବଂ ଧାନ ଚାଷ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଧାନ ଗଛରେ ବର୍ତ୍ତମାନ ଥୋଡ ଆସିଥିବାରୁ ବାତ୍ୟା ପ୍ରଭାବରେ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଧାନ ବାହାରି ଥିବା ଚାଷ ଜମି ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି । ସେଥି ମଧ୍ୟରୁ ୨୫୦ ହେକ୍ଟର ଧାନ ଜମି ଓ ୧୫ ହେକ୍ଟର ଜମିରେ ପରିବା ଚାଷ ନଷ୍ଟ ହୋଇଥିବା ବିଭାଗ ତରଫରୁ ସୂଚନା ମିଳିଛି । ତେବେ କାଂଶବାଂଶ ନଦୀ ଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବାରୁ ତଳିଆ ଅଂଚଳରେ ବନ୍ୟା ଜଳ ବୃଦ୍ଧି ପାଉଛି । ଏହି ଜଳ ସ୍ତର ବୃଦ୍ଧି ହେବା ଫଳରେ ଅଧିକ ଚାଷଜମି ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ତେବେ ଏ ବାବଦରେ ବର୍ତ୍ତମାନ ସୁଦ୍ଧା ବିଭାଗ ତରଫରୁ ଯୁଗ୍ମ ତଦନ୍ତ ଚାଲିଥିବାରୁ ସବିଶେଷ କ୍ଷୟକ୍ଷତିର ପରିମାଣ ଆକଳନ କରାଯାଇ ପାରିନାହିଁ । ତଦନ୍ତ ପରେ ପ୍ରକୃତ କ୍ଷୟକ୍ଷତିର ପରିମାଣ ଜଣାପଡିବ ବୋଲି ବ୍ଲକ କୃଷି ଅଧିକାରିଣୀ ପ୍ରୀତିରେଖା ମହାଲିକ ସୂଚନା ଦେଇଛନ୍ତି । ଏହା ବ୍ୟତୀତ ସୋର ପୌରାଂଚଳ ଉତରେଶ୍ୱର ମହାକୁଡ଼ ପ୍ଲାଜାର ବିଶେଷ କ୍ଷୟକ୍ଷତି ଘଟିଥିବା ବେଳେ ଅନ୍ୟ ବହୁ ସ୍ଥାନରେ କ୍ଷତିଘଟିଥିବା ଦେଖାଯାଇଛି ।

# ବିପଦ ସଂକେତ ଉପରେ ବନ୍ୟାଜଳ ପ୍ରବାହିତ: ବନ୍ୟାରେ ବହୁ ଗ୍ରାମ ଜଳବନ୍ଦୀ



ସୋର(ନିପ୍ର): ପ୍ରଭାବରେ ସୋର ବ୍ଲକରେ କାଂଶବାଂଶ ନଦୀଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବାରୁ ବହୁ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ଶତାଧିକ ଗ୍ରାମବାସୀ ଜଳବନ୍ଦୀ ହୋଇ ରହିଥିବା ଜଣାପଡିଛି । କାଂଶବାଂଶ ନଦୀରେ ବନ୍ୟା ଆସିବା ଫଳରେ ସୋର ବ୍ଲକର ମଧୁସୂଦନପୁର ଓ ନଦୀଗାଁର ଖଜୁରିଡିହା, ତାଳଗଡ଼ିଆ, କୁରୁଣିଆ, ରଘୁନାଥପୁର ଗଞ୍ଜ, ନଦୀଗାଁ, କାନପୁର,ଗୁହାଳଡିହି, ବାଇନଣ୍ଡା, ତଳନଗର ପଂଚାୟତ ସୁନାରୀ, ଅସ୍ତବାଙ୍କ, ସାଲମପୁର, ଅଙ୍କୁରଖାର୍ଜୀ, ଚାଉଳିସବିରା, ପଦନପଡା, ଭରଡାଗଡ଼ିଆ, ରହଣିଆ, ଡିହ ସବିରା, ବେଲସବିରା ଓ ବ୍ରାହ୍ମଣ ସବିରା ଏବଂ ସବିରା ପଂଚାୟତର ୩ଟି ଗ୍ରାମ, ସାଜନପୁର ପଂଚାୟତର ୨ ଟି ଗ୍ରାମ ଏବଂ କେଦାରପୁର ପଂଚାୟତରେ ୧ ଟି ଗ୍ରାମ ଜଳବନ୍ଦୀ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି । ଏହି ସବୁ ଗ୍ରାମରେ ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବା ଜଣାପଡିଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ମୁତାବକ ଗତକାଲିଠାରୁ କାଂଶବାଂଶ ନଦୀର ଜଳସ୍ତର ବିପଦ ସାଙ୍କେତ ସ୍ତର ପାର ହୋଇଥିବା ବେଳେ ନଦୀକୂଳିଆ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ମାତ୍ର ପ୍ରଶାସନ ପକ୍ଷରୁ ଏହି ଅଂଚଳର ଲୋକମାନଙ୍କୁ କୌଣସି ସୁବିଧା ଯୋଗାଇଦିଆଯାଇନାହିଁ । ପ୍ରଶାସନିକ ଅଧିକାରୀମାନଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ କର୍ଣ୍ଣପାତ କରୁନାହାନ୍ତି । ଏପରିକି ଅନେକ ଲୋକଙ୍କ ଘରେ ଏବେ ବି ଗଛ ପଡିରହିଥିବା ବେଳେ ପ୍ରଶାସନ ଗଛ କାଟିବାରେ ଅବହେଳା ପ୍ରଦର୍ଶନ କରୁଥିବା ଦେଖାଇଛି । ତେବେ ଏହିଭଳି ଅବସ୍ଥାରେ ଲୋକେ ଥିବାବେଳେ ଜରୁରୀ କାଳୀନ ଅବସ୍ଥାରେ ଲୋକେ ଘରୁ ବାହାରକୁ ବାହାରିବା ଅସମ୍ଭବ ହୋଇପଡିଛି । ଛୋଟ ଛୋଟ ପିଲା ମାନଙ୍କୁ ନେଇ ଲୋକେ ଭୟଭିତ ଅବସ୍ଥାରେ ଥିବା ପ୍ରକାଶ କରିଛନ୍ତି । ସ୍ଥାନୀୟ ତହସିଲଦାରଙ୍କୁ ଗତକାଲି ଠାରୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ଉ□ର ରଖୁ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ ଆଣିଛନ୍ତି । ଏହାଛଡା ତଦନ୍ତରେ ଆସୁଥିବା ଅଧିକାରୀ ଓ କର୍ମଚାରୀମାନେ ରାସ୍ତା ଉପରୁ ଛିଡା ହୋଇ ଚାଲିଯାଉଥିବା ବେଳେ ଉପଯୁକ୍ତ ସ୍ଥାନକୁ ଆସୁନଥିବା କହିଛନ୍ତି । କାଂଶବାଂଶ ନଦୀର ବିପଦ ସଂକେତ ୭. ୫୦୫ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୭. ୭୬୫ ଉପରେ ବନ୍ୟଜଳ ପ୍ରବାହିତ ହେଉଛି । ତେଣୁ ଏହି ଜଳସ୍ତର ବୃଦ୍ଧି ପାଇବା ଫଳରେ ତଳିଆ ଅଂଚଳ ଗ୍ରାମବାସୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି ।

# କସ୍ତୁରବା ସେବାଶ୍ରମରୁ ଲୁଚି ପଳାଇଲା ନାବାଳିକା




ରାୟଗଡ଼ା(ନିପ୍ର): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଲାକ୍ରିଶ ସ୍ଥିତ କସ୍ତୁରବା ଗାନ୍ଧି ସେବାଶ୍ରମରୁ ଜଣେ ନାବାଳକ ଛାତ୍ର ସହ ଜଣେ ଅନ୍ତେବାସିନି ସେବାଶ୍ରମର କାନ୍ଥ ଡେଇଁ ପଳେଇ ଯାଇଥିବା ଘଟଣା ଚର୍ଚ୍ଚାରେ ରହିଛି । ସୂଚନା ମୁତାବକ ଚଳିତ ମାସ ଗତ ୨୧ ତାରିଖ ରାତିରେ ଉକ୍ତ ଛାତ୍ରୀ ଦେହ ବିଦ୍ୟାଳୟର ଅନ୍ୟ ଜଣେ ନାବାଳକ ସହ ଫେରାର ହୋଇଥିବା ଘଟଣା କୁ ନେଇ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନବ କୁମାରୀ ନାଏକ କାଶୀପୁର ଥାନାରେ ଏକ ଏତଲା ୨୨ ତାରିଖରେ ଦେଇଥିବା ଥାନାଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ କହିଛନ୍ତି । ଓ ଏ ନେଇ ଏକ ମାମଲା କେଶ ନଂ ୨୨୮ / ୨୪ ରେ ରୁଜ୍ଜୁ କରାଯାଇଥିବା ସୂଚନା ଦେଇଛନ୍ତି । କାଶୀପୁର ଭାରପ୍ରାପ୍ତ ଥାନାଧିକାରୀ ଶ୍ରୀଯୁକ୍ତ ନାୟକ କହିଛନ୍ତି ଯେ ଗତକାଲି ଉକ୍ତ ନାବାଳକର ବାପା ଏବଂ ଭାଇ ଫେରାର ହୋଇଥିବା ଏହି ଦୁଇ ନାବାଳକ ଛାତ୍ର ଓ ଛାତ୍ରୀଙ୍କୁ କାଶୀପୁର ଥାନାରେ ଆଣି ଜିମା ଦେଇଥିଲେ । ସବୁଠାରୁ ଚର୍ଚ୍ଚାର ବିଷୟ ହେଉଛି ଏହି ସେବାଶ୍ରମ ପାଚେରୀ ଦ୍ୱାରା ଆବଦ୍ଧ ହୋଇଥିବା ବେଳେ ମେଟ୍ରନ ମଧ ୨୪ ଘଂଟା ଉକ୍ତ ସେବାଶ୍ରମରେ ରହୁଛନ୍ତ, ତା ହେଲେ ଏଭଳି ଘଟଣା ଘଟିଛି କିଭଳି କାହାର ଅବହେଳା ଏଭଳି ଘଟଣାକୁ ଖୋରାକ ଯୋଗାଉଛି ଏଭଳି ଅନେକ ପ୍ରଶ୍ନ ବର୍ତ୍ତମାନ ଚର୍ଚ୍ଚାରେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାୟଗଡ ଠାରେ ରହୁଥବା ବେଳେ କିଭଳି ବିଦ୍ୟାଳୟରେ ତାଙ୍କର ଉପସ୍ଥିତି ଓ ଏହି ସେବାଶ୍ରମ ଏକ ଦାୟିତ୍ୱସମ୍ପନ୍ନ ହୋଇଥିବା ବେଳେ ସେ ମଧ ଏହାର ଉତରଦାୟୀ । ଏହି ଘଟଣା ଘଟିଥିଲେ ମଧ ଆମେ ଯେତେବେଳେ ଏ ନେଇ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ନାଏକଙ୍କୁ ଫୋନ ଯୋଗେ ପଚାରିଥିଲୁ ସେ ଏହି ଘଟଣାକୁ ନେଇ ସମ୍ମତି ପ୍ରକାଶ କରିବା ସହ ସେବାଶ୍ରମରୁ ହିଁ ଉକ୍ତ ନାବାଳିକା ଛାତ୍ରୀ କାହାକୁ କିଛି ନକହି ଲୁଚି ପଳାଇ ଯାଇଥିବା ମାନିଛନ୍ତି । ଶିକ୍ଷା ବିଭାଗର ଏତେ ବଡ ଘଟଣା ପ୍ରାୟ ସପ୍ତାହେ ହେଲାଣି ଘଟି ଯାଇଥିବା ବେଳେ ରାୟଗଡ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ କେବଳ ତଦନ୍ତ ଚାଲିଥିବା କଥା କହୁଥିବା ବେଳେ ଉକ୍ତ ଘଟଣାରେ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇ ନଥିବା କହିଛନ୍ତି । ଏହିଭଳି ସମ୍ବେଦନଶୀଳ ଘଟଣା ବାରମ୍ବାର ଏହି ଆଦିବାସି ଅଧୁଷିତ ଜିଲ୍ଲାର ଅନେକ ସେବାଶ୍ରମ ରେ ଘଟୁଥିବା ବେଳେ ଶିକ୍ଷା ବିଭାଗର ଅପାରଗତା ଓ ସେବାଶ୍ରମର ପରିଚାଳନା ଗତ ତ୍ରୁଟି ଏହାର ମୁଖ୍ୟ କାରଣ ନୁହେଁ ତ ବୋଲି ବର୍ତ୍ତମାନ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ଚାଲିଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଉକ୍ତ କସ୍ତୁରବା ଗାନ୍ଧି ସେବାଶ୍ରମର ଏତେ ନୀତି ନିୟମ ରହିଥିବା ବେଳେ ଉକ୍ତ ନାବାଳିକା ଲୁଚି ପଳେଇବାରେ ସକ୍ଷମ କି? ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାୟକ କହିଛନ୍ତି ଯେ ଉକ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ବିରୁଦ୍ଧରେ ଜିଲ୍ଲାପାଳ ପାରୁଲ ପଟୱାରି ଉକ୍ତ ବିଦ୍ୟାଳୟରେ ଗସ୍ତ ସମୟରେ ବିଭିନ୍ନ ଅବ୍ୟବସ୍ଥା ଓ ଅନିୟମିତତାକୁ ନେଇ ବିବୁଗୀୟ ତଦନ୍ତ ଚାଲିଥିବା ବେଳେ ବର୍ତ୍ତମାନ ଏହି ଘଟଣାରେ ମଧ ତଦନ୍ତ ପରିସରଭୁକ୍ତ ହୋଇଛନ୍ତି ତେବେ ଏ ନେଇ କଣ କାର୍ଯ୍ୟନୁଷ୍ଠାନ ହେଉଛି ତାହା ତଦନ୍ତ ସରିବା ପରେ ଜଣା ପଡ଼ିବ ।

# ଧନ୍ୟ ପୌରପରିଷଦ, ନିଦ ଭାଙ୍ଗିବ କେବେ ?

ଝାରସୁଗୁଡା(ନିପ୍ର): ଝାରସୁଗୁଡା ପୌର ପରିଷଦ ର ସରକାରୀ ଜମି ଜବର ଦଖଲ ବିଷୟରେ ଚଳିତ ମାସରେ ସମ୍ବାଦପତ୍ରରେ ପ୍ରକାଶ ହୋଇ ଥିଲା । ପୌରପରିଷଦ ଅଧିକାରୀ ଓ ଉଚ୍ଚ କର୍ମକର୍ତା ଅବଗତ ହୋଇଥିଲେ ମଧ୍ୟ ପୌର ପରିଷଦ କାହିଁକି ସରଜମିନ ତଦନ୍ତ କରୁ ନାହିଁ ତାହା ସମସ୍ତଙ୍କୁ ଚକିତ କରିଛି । ସହରର ବିଭିନ୍ନ ସ୍ଥାନରେ ଜବର ଦଖଲ କାରୀ ଙ୍କର ସଂଖ୍ୟା ବଢି ଚାଲିଛି । ସହର ର ପ୍ରଭାବଶାଳୀ ଧନୀ ବ୍ୟକ୍ତି ଓ ରାଜନୈତିକ ବ୍ୟକ୍ତିମାନେ ବିଶେଷ ଭାବରେ ନିଜ ନିଜର ବାସଗୃହକୁ ସରକାରୀ ଜମିକୁ ବଢାଇ ଜବର କରି ନେଇଛନ୍ତି । ମାନ୍ୟବର ହାଇକୋର୍ଟର ସରକାରୀ ଜମିର ଜବର ଦଖଲ ଉଚ୍ଛେଦ ପାଇଁ ଆଦେଶ ଥିଲେ ମଧ୍ୟ ସରକାରୀ କଳର ନିଦ ଭାଙ୍ଗୁ ନାହିଁ । ଝାରସୁଗୁଡା ପୌର ପରିଷଦ ର ନିର୍ବାହୀ ଅଧିକାରୀ ଗତ ଜୁଲଇ ମାସରୁ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି ଏହି ପଦପି ଏପର୍ଯ୍ୟନ୍ତ ପୂରଣ ହୋଇ ପାରି ନାହିଁ । ବର୍ତ୍ତମାନ ଝାରସୁଗୁଡା ପୌର ପରିଷଦ ର ନିର୍ବାହୀ ଅଧିକାରୀଙ୍କ ଦାୟୀତ୍ୱ ରେ ଥିବା ବ୍ରଜରାଜନଗର ପୌର ପରିଷଦ ନିର୍ବାହୀ ଅଧିକାରୀ ତାଙ୍କର ସମୟ ପାଶ ପାଇଁ କାର୍ଯ୍ୟ କରୁଛନ୍ତି । ତୁରନ୍ତ ଜିଲ୍ଲାପାଳ ପଦକ୍ଷେପ ନେବା ପାଇଁ ଅନୁରୋଧ କରା ଯାଇଛି ।

# ସୁଭଦ୍ରା ଯୋଜନାରେ ସରକାର ଆବଶ୍ୟକୀୟ ପରିବର୍ତ୍ତନ ଓ ସୁଧାର ଆଣିଥିବାରୁ ଧନ୍ୟବାଦ

ବ୍ରହ୍ମପୁର(ନିପ୍ର): ଓଡ଼ିଆ ସ୍ୱାଭିମାନ ଜାଗରଣ ଫେଡେରେସନ ତରଫରୁ ଗତ ୧୮ ତାରିଖରେ ସୁଭଦ୍ରା ଯୋଜନା ସଠିକ୍ ଭାବରେ ଲାଗୁ କରିବାରେ ରହିଥିବା ତ୍ରୁଟି ବିଚ୍ୟୁତି ଏବଂ ଏହି ଯୋଜନାରେ ସାମିଲ ହେବା ନେଇ ମହିଳା ମାନେ ସମ୍ମୁଖୀନ ହେଉଥିବା ଅସୁବିଧା ତଥା ସରକାର ଏହି ଯୋଜନା ଅଧୀନରେ ପାର୍ଟ ପାର୍ଟ ଟଙ୍କା ପ୍ରେରଣ କରିବା ଫଳରେ ଏଥିରୁ ବଂଚିତ ହୋଇଥିବା ମହିଳା ମାନଙ୍କ ମଧ୍ୟରେ କୁହୁଳିଥିବା ଅସନ୍ତୋଷ ଓ ଅବସାଦ ତଥା ସାମାଜିକ ବିଶୃଙ୍ଖଳା ଓ ପାଇବାରିକ ଅଶାନ୍ତି ସୃଷ୍ଟି ନେଇ ଦୃଷ୍ଟି ଆକର୍ଷଣ କରାଯିବା ସହ ଏଥିରେ ଯଦି ସୁଧାର ଅଣା ନଯାଏ ଭବିଷ୍ୟତରେ ଏହା ସରକାର ଓ ବିଜେପିକୁ ରାଜନୈତିକ ସୁବିଧା ଓ ଲାଭ ଦେବା ବଦଳରେ ବୁମେରାଂ ସାବ୍ୟସ୍ତ ହେବ ବୋଲି ଚେତେଇ ଦିଆଯାଇଥିଲା । ତେଣୁ ବିଭକ୍ତିକରଣ ଓ ବିଭାଜନିକରଣ ଦୃଷ୍ଟିଭଙ୍ଗୀ ନ ଆପଣେଇ ନିଜ ନିର୍ବାଚନ ଇସ୍ତାହାର ପ୍ରତିଶ୍ରୁତି ମୁତାବକ ସମସ୍ତ ଆବେଦନକାରୀ ମହିଳାଙ୍କୁ ଏଥିରେ ସାମିଲ କରି ଏକା ସମୟରେ ସମସ୍ତଙ୍କୁ ଏହାର କିସ୍ତି ପ୍ରଦାନ କରିବା ନିମନ୍ତେ ତଥା ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ ଟେକ୍ନୋଲୋଜିକୁ ଉପଯୋଗ ଓ ଆଧାର କରି ଏକ ସଶକ୍ତ ମେକାନିଜିମ ଡେଭଲପମେଂଟ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଯାହା ଦ୍ୱାରା ସମସ୍ତଙ୍କୁ ଏକା ସାଙ୍ଗରେ ଯେମିତି ଏହି ଫ୍ଲାଗଶିପ ଯୋଜନା ଲାଭାର୍ଥି ଅନୁଦାନ ଟଙ୍କା ଗୋଟିଏ ବଟନ ଚିପିଲେ ତାଙ୍କ ବ୍ୟାଙ୍କ୍ ଖାତାକୁ ସିଧାସଳଖ ଆସିପାରିବ ସେଭଳି ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା । ତତ୍ ସହିତ ଯେଭଳି ଜଣେ ହେଲେ ମହିଳା ଏହି ଅଭିନବ ଯୋଜନାରୁ ବାଦ୍ ନ ପଡନ୍ତି ତାହାକୁ ସୁନିଶ୍ଚିତ କରାଯାଉ ବୋଲି କୁହାଯାଇଥିଲା । ଏଭଳି ଅନେକ ଉପାଦେୟ ପ୍ରସ୍ତାବ ସମ୍ବଳିତ ପତ୍ର ଗତ ୧୮ ତାରିଖ ଦିନ ଫେଡେରେସନ ତରଫରୁ ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବଙ୍କୁ ଇମେଲ ଠିକଣାରେ ପ୍ରଦାନ କରାଯାଇଥିଲା । ଗତକାଲି ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ରାଜ୍ୟ କ୍ୟାବିନେଟ ଆମ ଦ୍ୱାରା ଦିଆଯାଇଥିବା ଅନେକ ପ୍ରସ୍ତାବକୁ ଗ୍ରହଣ କରି ଯୋଜନାରେ ସୁଧାର ଆଣି ସମସ୍ତ ମହିଳାଙ୍କୁ ସେଥିରେ ସାମିଲ ସହ ଏକ ମଜବୁତ୍ ମେକାନିଜିମ ତଥା ଏକ ନିର୍ଭରଶିଳ ବ୍ୟବସ୍ଥା ଓ ନେଟୱର୍କ ସଂଗଠନା କରିବାକୁ ଓକାକ୍ କୁ ନିର୍ଦ୍ଦେଶ ଦେଇଥିବାରୁ ଓଡ଼ିଆ ସ୍ୱାଭିମାନ ଜାଗରଣ ଫେଡେରେସନ ତରଫରୁ ଏହାର ଆବାହକ ସଞ୍ଜୀବ କୁମାର ପଟ୍ଟନାୟକ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି ।

# ବାଡ଼ିରେ ଛେଳି ପଶିବାକୁ ନେଇ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ସୋର(ନିପ୍ର): ସୋର ଥାନା ଗୋପୀନାଥପୁର ପଂଚାୟତ ନୂଆପାଟଣା ଗ୍ରାମରେ ଜଣଙ୍କ ବାଡ଼ିରେ ଛେଳି ପଶିବାରୁ ଗଣ୍ଡଗୋଳ ହୋଇ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହେବା ଫଳରେ ମହିଳା ଜଣଙ୍କ ଗୁରୁ□ର ଆହତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି । ଏହି ଗ୍ରାମର ମାନସୀଲତା ପ୍ରଧାନଙ୍କ ବାଡ଼ିକୁ ରବୀନ୍ଦ୍ର ଖିଲାରଙ୍କର ଛେଳି ପଶିଯାଇଥିଲେ । ଫଳରେ ମାନସୀ ଛେଳିଙ୍କୁ ଘଉଡ଼ାଇ ଦେଇଥିଲେ । ଏ ବାବଦରେ ପ୍ରଥମେ ରବୀନ୍ଦ୍ରଙ୍କ ସ୍ତ୍ରୀ ଆସି ତାଙ୍କ ଛେଳି ଆହତ ହୋଇଥିବା ଅଭିଯୋଗ କରି ମାନସୀଙ୍କ ସହିତ ଝଗଡା କରିଥିଲେ । ଏତିକିରେ କଥା ସରି ନ ଥିଲା । ଏହି ଖବର ପାଇ ରବୀନ୍ଦ୍ର ଆସି ମାନସୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ଅତି ଅମାନୁଷିକ ଭାବେ ମାନସୀଙ୍କୁ ପକ୍କା ରାସ୍ତାରେ ଘୋଷାରି ଘୋଷାରି ନେଇଥିଲେ । ଫଳରେ ମାନସୀ ଗୁରୁ□ର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁ□ର ଥିବାରୁ ପ୍ରାଥମିକ ଚିକିତ୍ସାପରେ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି ।

# ଜିଲ୍ଲାସ୍ତରୀୟ ପାଠଚକ୍ର ଅନୁଷ୍ଠିତ

ବୈଶିଙ୍ଗା(ନିପ୍ର): ମାନଗୋବିନ୍ଦ ପୁର ମାଣତ୍ରୀ ମୟୂରଭଞ୍ଜ ସ୍ଥିତ ଶ୍ରୀ ମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ଠାରେ ଜିଲ୍ଲା ସ୍ତରୀୟ ପାଠଚକ୍ର ଏଥିରେ ଚିତ ଭାଇ, ପ୍ରଫୁଲ୍ଲ ଭାଇ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୟୂରଭଞ୍ଜ ବାଲେଶ୍ୱର ଏବଂ ନିକଟସ୍ଥ ପଟୁଆ, ବୈଶିଙ୍ଗା, ବେତନଟୀର ବହୁ ଅପା ଭାଇ ମାନେ ଯୋଗ ଦେଇଥିଲେ । ସାମାଜିକ ସଦଭାବନା ତଥା ଆଧାତ୍ମିକ ଚେତନାର ବିକାଶ ଦ୍ୱାରା ମଣିଷ ସମାଜ ରେ ଉନ୍ନତି ହୋଇ ପାରିବ ଏବଂ ଏଥିପାଇଁ ପ୍ରତ୍ୟେହ ମା' ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏହି ବିଷୟରେ ଦିଗଦର୍ଶନ ମୂଳକ ଆଲୋଚନା କରାଯାଇଥିଲା । ଶ୍ରୀମା ଶ୍ରୀଅରବିନ୍ଦ ଙ୍କର ଜୀବନ ଦର୍ଶନ ସମ୍ବନ୍ଧୀୟ ବହୁ ଶିକ୍ଷଣୀୟ ଉପାଦେୟ ପାଠଚକ୍ର ରେ ଆଲୋଚନା କରାଯାଇଥିଲା । ଏଥିରେ ପାଟୁଆ ର ଚିତ ଭାଇ, କପ୍ତିପଦା ପ୍ରଫୁଲ୍ଲ ଭାଇ, ବୈଶିଙ୍ଗା ର ମୁକୁନ୍ଦ ଭାଇ, ଦିଲ୍ଲିପ ଭାଇ, ବାଲେଶ୍ୱର ର ବିଶ୍ୱନାଥ ଭାଇ, ପ୍ରଭାତ ଭାଇ, ବାରିପଦାରୁ ସୁବାସ ଭାଇ, ଗଣେଶ ଭାଇ , ପ୍ରଭୃତି ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ରଙ୍କ ତତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ସଫଳ ରୁପାୟନ ନିମନ୍ତେ ସର୍ବେଶ୍ୱର ଜେନା, ପରେଶ ଦଳେଇ, ଶାମ ସାର, ନୀଳକଣ୍ଠ ନାୟକ ସହିତ ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ର ଅନ୍ୟ ସଦସ୍ୟ ଏବଂ ସଦସ୍ୟା ଗଣ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମ ଯୋଗୁଁ ଆଧାତ୍ମିକ ଚେତନାର ପରିସ୍ଫୁଟ ହେଲାଭଳି ଏକ ପରିବେଶ ଗଢି ସାମାଜିକ ସଦଭାବନା ସୃଷ୍ଟି କରିବା ପ୍ରୟାସ ଟିକୁ ଅଂଚଳବାସୀ ସହଯୋଗ ସହିତ ଅନେକ ପ୍ରଶଂସା କରିଥିଲେ । ସଭା ଶେଷରେ ପ୍ରସାଦ ସେବନ କରି ଅତିଥି ମାନେ ନିଜ ନିଜର କ୍ଷେତ୍ର କୁ ଫେରି ଯାଇଥିଲେ । ଶ୍ରୀ ମା ଶ୍ରୀ ଅରବିନ୍ଦ ଜୀବନୀ ସମସ୍ତଙ୍କୁ ପ୍ରଭାବିତ କରିପାରିଥିବା ଅନୁଭୂତ ହୋଇନଥିଲା । ଏଭଳି କାର୍ଯ୍ୟକ୍ରମ ଆଗକୁ ଚାଲୁ ରହିବ ବୋଲି ସମ୍ପାଦକ ଏବଂ ସଭାପତି ଦୃଢ଼ତା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

B-512

OFFICE OF THE SUPERINTENDING ENGINEER
BHADRAK (ROADS & BUILDINGS) DIVISION
AT/PO/DIST- BHADRAK

FAX NO: - 06784 250321.
CONTACT NO: - 06784-250321
E Mail ID: - bhadrakrnbdivision@gmail.com

1st Corrigendum to Bid Identification No. SE (R&B) BDK – 33/2024-25
Office Order No. 6804 dt.23.10.2024

The bid invited vide Bid Identification No. SE (R&B) BDK - 33/2024-25 dt.14.10.2024 modified in respect of the scope of the work, estimated cost, date of bid documents to be available in Web site, received and opened as mentioned in the following table due to unavoidable circumstances.

| Sl No. | Item | Provision as per NIT | Modified as per Corrigendum |
|---|---|---|---|
| 1 | Bid to be available in Web site | From 11.00 A.M of 23.10.2024 to 5.00 P.M of 04.11.2024 | From 11.00 A.M of 29.10.2024 to 5.00 P.M of 07.11.2024 |
| 2 | Bid to be received on 'Online' | At 5.00 P.M dt.04.11.2024 | At 5.00 P.M dt.07.11.2024 |
| 3 | Bid to be opened on 'Online' | At 11.30 A.M dt. 05.11.2024 | At 11.30 A.M dt.08.11.2024 |

All other terms and conditions remain unchanged.

Sd/-
Superintending Engineer
Bhadrak (R&B) Division

OIPR. 34079/11/0009/2425

B-502

WORKS DEPARTMENT
OFFICE OF THE SUPERINTENDING ENGINEER,
RAIRANGPUR (R&B), DIVISION
e-mail: - eerbrairangpur@yahoo.co.in
Government of Odisha "e" Procurement Notice
Bid Identification No.SE 29 OF 2024-25

1. Nature of work:- Building Work
2. Number of works: 1 ( One )
3. Amount put to Tender: - Rs. 71,54,400.00
4. Class of Contractor: B Class
5. Date & Time of availability of bid document in the portal: - Dt. 29.10.2024 at 10:00 AM
6. Last Date / Time of receipt of bid in the portal: - Dt. 07.11.2024 up to 04:00 PM
7. Date of opening of bid : - Dt. 08.11.2024 at 11:00 AM
8. Name & address of the Office inviting bid: - Superintending Engineer, Rairangpur (R&B)Division
9. The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd/- 21.10.2024
Superintending Engineer
Rairangpur (R&B) Division

OIPR. 34041/11/0006/2425





ମା'ର କଥା ଯିଏ ମାନି ନାହିଁ
ସେ ସବୁଦିନ ହତଭାଗ୍ୟ
ହୋଇ ରହି ଯାଇଛି ।

# ଆଜିକାଲି




## ଏଇ ପୂଣ୍ୟ କାର୍ତିକରେ..

◆ ରାମଚନ୍ଦ୍ର ବେହେରା

କୃତିକା ନକ୍ଷତ୍ର ହୋଇଥାଏ ଯୁକ୍ତ
ପୂଣ୍ୟ କାର୍ତିକ ମାସରେ
ବିଷ୍ଣୁଂକର ପ୍ରିୟ ପବିତ୍ର କାର୍ତିକ
ଭକ୍ତ ହରିନାମ ସ୍ମରେ
କଲେ ଦାନ ପୂଣ୍ୟ କର୍ମ
ବରଷକ ଫଳ ମିଳେ ଏହି ମାସେ
କାମନା ହୁଅଇ ପୂର୍ଣ୍ଣ ।
କାର୍ତିକର ଶୁଭ ଅମାବାସ୍ୟା ଦିନ
ସଭିଏଁ ହୁଅନ୍ତି ମେଳି
ବଡବଡୁଆଂକୁ ଭକ୍ତିରେ ଡାକନ୍ତି
କାଉଁରିଆ କାଠି ଜାଳି
ପବିତ୍ର ଦୀପାଳି ଜଳେ
ପୂର୍ବ ପୁରୁଷଂକ ଆଶିଷର ଧାରା
ଖୁସୀ ଭରିଦିଏ ପ୍ରାଣେ ।
ମହା କାର୍ତିକର ଓଷା ବ୍ରତ ବିଧି
ଭକ୍ତିଭାବ ଦିଏ ଭରି
ସୂରୁଜ ଉଦୟ ପୂର୍ବରୁ ଶ୍ରଦ୍ଧାରେ
ସ୍ନାନ ସାରେ ବ୍ରତଧାରୀ
ତୁଳସୀ ଚଉରା ମୂଳେ
ସତ୍ୟନିଷ୍ଠ ଚିତେ କୁଳ ଭୁଆସୁଣୀ
ନିତି ଘିଅ ଦୀପ ଜାଳେ ।
କାର୍ତିକ ସକାଳେ ସୂର୍ଯ୍ୟ ପୂଜା କରି
ତୁଳସୀରେ ଦେଲେ ଜଳ
ଜଗନ୍ନାଥ ନାମ ହୃଦୟେ ସ୍ମରିଲେ
ମିଳିଥାଏ କୋଟି ପୂଣ୍ୟ
କାର୍ତିକ ଧରମ ମାସ
କାର୍ତିକ ରାହାସ ଆକାଶ ପ୍ରଦୀପ
ଶ୍ରଦ୍ଧା ଦିଅଇ ଅଶେଷ ।
ପୂଣ୍ୟ କାର୍ତିକର ହବିଷ ଅନ୍ନରେ
ଓଳିଏ କରି ଭୋଜନ
ସୁଖ ଶାନ୍ତି ପାଇଁ ବ୍ରତ ପାଳେ ଭକ୍ତ
ଆମିଷ କରି ବର୍ଜନ
ସାରୁ ଓଉ ମୁଗଜାଇ
ବନ୍ତଳ କଦଳୀ ମିଶ୍ରଣେ ରାନ୍ଧଇ
ଜୀରା ଲଂକା ଗୁଣ୍ଡ ଦେଇ ।
ପ୍ରଭୁ ଜଗନ୍ନାଥ ଏ ମାସେ ହୁଅନ୍ତି
ରାଇ ଦାମୋଦର ବେଶ
ରାଇକୁ ବିବାହ କରିଥିଲେ ପରା
ସୃଷ୍ଟିକର୍ତା ହୃଷିକେଶ
ପଂଚୁକ ପାଂଚ ଦିନରେ
ଭିନ୍ନ ଭିନ୍ନ ବେଶ ହୁଅନ୍ତି ସାଆନ୍ତ
ଏଇ ପୂର୍ଣ୍ୟ କାର୍ତିକରେ ।

*ତେନ୍ତୁଳିପଦା,ଜଗତସିଂହପୁର ମୋ-୭୩୫୫୬୩୪୩୪୬*

## ଆଧ୍ୟାତ୍ମିକତା ଓ ଭାରତର ଯୋଗ ବିଜ୍ଞାନ

◆ ଡାକ୍ତର ଅର୍ଚ୍ଚନା ମିଶ୍ର

*'ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟ ଧୀମହି ଧିୟୋ ୟୋନଃ ପ୍ରଚୋଦୟାତ୍'* - ବେଦରୁ ହିଁ ସର୍ବ ପ୍ରଥମେ ପ୍ରାଚୀନ ଯୋଗର ଉଦ୍ଭବ । ଆଉ ଯୋଗ ହେଉଛି ଆମର ପ୍ରାଚୀନ ଯୋଗୀ, ମୁନିଋଷି ମାନଙ୍କ ଦୀର୍ଘ ସାଧନାର ଫଳସ୍ୱରୂପ ଏକ ଦାନ । ସେମାନଙ୍କର ଆଧ୍ୟାତ୍ମିକ ଅନୁଭୂତି ତଥା ଗଭୀର ଅନୁଶୀଳନ ଦ୍ୱାରା ସମଗ୍ର ବିଶ୍ୱବାସୀଙ୍କ ପାଇଁ ଏହି ଶ୍ରେଷ୍ଠ ସମ୍ପତି ରଖିଯାଇଛନ୍ତି । ବେଦାନ୍ତ ତତ୍ୱର ତିନୋଟି ଗ୍ରନ୍ଥ ଉପନିଷଦ, ବ୍ରହ୍ମସୂତ୍ର ଓ ଶ୍ରୀମଦଭାଗବତ ଗୀତାରେ ଏହି ଯୋଗତତ୍ୱ ନିହିତ । ମହାଭାରତର ଯୁଦ୍ଧଭୂମି କୁରୁକ୍ଷେତ୍ରରେ ନିଜର ମିତ୍ର ଅର୍ଜୁନଙ୍କ ଭାବାନ୍ତରକୁ ଦୃଷ୍ଟିରେ ରଖି ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରୁ ଗୀତା ରୂପେ ମୁଖରିତ ହୋଇଥିଲା । ଆଜିର ସମୟରେ ଯୋଗ କେବଳ ମଣିଷ ସମାଜର ସ୍ୱାସ୍ଥ୍ୟ ସମସ୍ୟା ନୁହେଁ ବିଭିନ୍ନ ସାମଗ୍ରୀକ ଚିନ୍ତନ ଓ ସମସ୍ୟାକୁ ସମାଧାନ କରିପାରୁଛି । ଏହା ସେମାନଙ୍କୁ ଶାନ୍ତି ଓ ଦିବ୍ୟାନନ୍ଦର ଅନୁଭୂତି ପ୍ରଦାନ କରିବା ସହ ମନର ସନ୍ତୁଳନ, ବ୍ୟକ୍ତିତ୍ୱର ବିକାଶ ଓ ଜୀବନକୁ ଦିବ୍ୟମୟ କରିବା ପାଇଁ ପଥ ପ୍ରଦର୍ଶନ କରୁଛି । ସଂପ୍ରତି ଭାରତୀୟ ଯୋଗବିଜ୍ଞାନ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ସହ ପ୍ରାୟ ପୃଥିବୀର ଅଦ୍ଧ ବହୁତ ଅଧିକାଂଶ ରାଷ୍ଟ୍ରରେ ଏ କ୍ଷେତ୍ର ଉପରେ ବିଜ୍ଞାନୀଗଣ ଗବେଷଣା ଓ ପରୀକ୍ଷଣ ଜାରି ରଖିବା ସହ ଯୋଗ ପ୍ରତି ଦିନକୁ ଦିନ ଉତ୍କଣ୍ଠା ଓ ଆଗ୍ରହ ବଢ଼ିବାରେ ଲାଗିଛି । ଭାରତ ହେଉଛି ଯୋଗର ଉଦ୍‌ଗମ ଓ ପ୍ରୟୋଗର କ୍ଷେତ୍ର । ଯୋଗ, ଧ୍ୟାନ, ପ୍ରାଣାୟମ, ଆସନ, ବନ୍ଧମୁଦ୍ରା, ସମାଧି ପରି ବିଭିନ୍ନ କ୍ଷେତ୍ର ଉପରେ ଯୋଗ ବିଜ୍ଞାନର ଗବେଷଣା ବି ଚାଲିଛି । ଯୋଗର ପରମ ଲକ୍ଷ୍ୟ ହେଉଛି ଜୀବାତ୍ମାର ପରମାତ୍ମାଙ୍କ ସହିତ ଯୋଗ ବା ମିଳନ । ଯୋଗ ଦ୍ୱାରା ମନୁଷ୍ୟ ଜନ୍ମ-ମୃତ୍ୟୁ ରୂପକ ସଂସାରଚକ୍ରରୁ ମୁକ୍ତି ପାଏ । ଏବଂ ଅମରତ୍ୱ ଲାଭ କରିଥାଏ । ଗୀତାରେ ଉଲ୍ଲେଖ ରହିଛି - *'ତସ୍ମାତଯୋଗୀ ଭବାର୍ଜୁନ'* ଆତ୍ମା ପରମାତ୍ମା ସଂଯୋଗର ସୂକ୍ଷ୍ମ ବିଜ୍ଞାନ ହେଉଛି ଏହି ପ୍ରକାର ଯୋଗ । ଭାରତୀୟ ଯୋଗ ପଦ୍ଧତି ସବୁ ହେଉଛି ଆଧ୍ୟାତ୍ମିକ ସାଧନ କ୍ଷେତ୍ରରେ ଉପରକୁ ଉଠିବା ଲାଗି ଏକ ଏକ ପାହାଚ । ଉପନିଷଦ ଏହି ଯୋଗ ଦର୍ଶନକୁ କହେ ବ୍ରହ୍ମବିଦ୍ୟା । ପରମଯୋଗୀ ସ୍ୱାମୀ ଶିବାନନ୍ଦଜୀ ଲେଖିଛନ୍ତି - *'ପ୍ରଜ୍ଞାନମ୍ ବ୍ରହ୍ମ', 'ଅହଂ ବ୍ରହ୍ମ ଅସ୍ମି', 'ତତ୍ ତ୍ୱଂ ଅସି'* ଏବଂ *'ଅୟଂ ଆତ୍ମା ବ୍ରହ୍ମ'* ଏଇ ଚାରୋଟି ମହାକାବ୍ୟ ଆଜି ମୋର ହୃଦୟକୁ ଶକ୍ତି ଏବଂ ଆନନ୍ଦରେ ପରିପୂର୍ଣ୍ଣ କରିଦେଇଛି । ଯୋଗକୁ କୌଣସି ନୀତି ରୂପେ ନୁହେଁ ବରଂ ମାନବ ଜୀବନର ମୂଳଭୂତ ଆଧାରଶିଳା ଭାବେ ଗ୍ରହଣ କରିବା ଉଚିତ । ଧର୍ମ ପାଳନ ଏବଂ ସାଧନା ହେଉଛି ଯୋଗର ଦୁଇଟି ବାହୁ । ଏହିପରି ଯୋଗ ହେଉଛି ଏକ ସାମଗ୍ରୀକ ଜୀବନ ପଦ୍ଧତି । ଯୋଗ ସାଧନାର ମୂଳ ଉଦ୍ଦେଶ୍ୟ ହେଉଛି ବ୍ୟକ୍ତିତ୍ୱର ଜୀବନରେ ସରସତା ଆନନ୍ଦ ଆଣିବା ସହ ସନ୍ତୁଳନ ସାଧନା କରିବା । ଆମର ଭାରତୀୟ ମହର୍ଷୀଗଣ ଆଧ୍ୟାତ୍ମିକ ଜୀବନର ପ୍ରତିଟି ମୁହୂ□କୁ ତ□ ଦର୍ଶନର ଅନୁସନ୍ଧାନ ତଥା ନିଜର କଠୋର ତପସ୍ୟା ଓ ସାଧନାତ୍ମକ ପ୍ରୟୋଗର ନିଷ୍କର୍ଷରେ ପହ□ ମାର୍ଗଦର୍ଶନ କରିଛନ୍ତି ଯେ ପରମାତ୍ମା ହେଉଛନ୍ତି ଅସୀମ ଅନନ୍ତ ସମଷ୍ଟି ସତା । ଆଉ ମହାନ ହେବାକୁ ହେଲେ ବ୍ୟକ୍ତିସତାକୁ ସମଷ୍ଟି ସତା ସହିତ ସଂଯୋଗ କରିବାର ଆବଶ୍ୟକତା ରହିଛି । ବିଶ୍ୱରେ ସତ୍-ଚିତ୍-ଆନନ୍ଦମୟ ଚେତନାର ଯେଉଁ ଦିବ୍ୟାନୁଭୂତି ମିଳିଛି ସେସବୁ ହେଉଛି ଯୋଗ ପଦ୍ଧତିର ବିଭିନ୍ନ ଅଙ୍ଗ । ଭାରତୀୟ ବେଦ, ଉପନିଷଦ, ପୁରାଣ ହେଉ ମହାଭାରତ ବା ଭାଗବତ ଯୋଗବାଶିଷ୍ଠ ହେଉ ବା ଯାଜ୍ଞବଲ୍କ୍ୟସ୍ମୃତି ସବୁ ଗ୍ରନ୍ଥରେ ଅନନ୍ତ ଯୋଗସୂତ୍ରର ଉଲ୍ଲେଖ ଦେଖିବାକୁ ମିଳେ । ମହାତ୍ମା ବୁଦ୍ଧଦେବ ଯୋଗଶାସ୍ତ୍ର ନିର୍ଦ୍ଦେଶିତ ଆସନ, ପ୍ରାଣାୟମ, ଧ୍ୟାନ, ମୁଦ୍ରା ଅଭ୍ୟାସ କରି ସମାଧି ସାଧନା କରିଥିଲେ । ଋଗ୍‌ବେଦ, ଅଥର୍ବବେଦରେ ଯୋଗଭ୍ୟାସକୁ ନେଇ ଅନେକ ମନ୍ତ୍ର ସ୍ଥାନିତ ହୋଇଛି । ଜୈନ ଧର୍ମରେ ଭଗବାନ ମହାବୀର ଜୈନ ସ୍ୱୟଂ ସିଦ୍ଧଯୋଗୀ ଥିଲେ । ତାଙ୍କ ପଥ ପ୍ରଦର୍ଶିତ ପ□ଜମ ହିଁ ଯୋଗର ମୁଖ୍ୟ ଉପାୟ । ସେହିପରି ପାତଞ୍ଜଳୀ ଯୋଗରେ ବର୍ଣ୍ଣିତ ଅହିଂସା ସହିତ ଜୈନ ସମ୍ମତ ଅହିଂସା ମହାବ୍ରତର ସ୍ୱରୂପ ଅନେକ କ୍ଷେତ୍ରରେ ସମାନ । ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ । ଯାହାକି ଏକ ଆଧ୍ୟାତ୍ମିକ ବିଜ୍ଞାନ । ଯୋଗର ଲକ୍ଷ୍ୟ ହେଉଛି ମନୁଷ୍ୟକୁ ପ୍ରକୃତିର ଦାସତ୍ୱରୁ ମୁକ୍ତ କରି ତାକୁ ନିଜ ସ୍ୱରୂପର ସାକ୍ଷାତକାର କରାଇବା । ସଂପ୍ରତି ଭାରତୀୟ ଯୋଗଦର୍ଶନ ଗିରିକନ୍ଦର ତଥା ପାହାଡ଼ ପର୍ବତର ଗୁମ୍ଫାରୁ ବାହାରି ସମଗ୍ର ବିଶ୍ୱର ପ୍ରତିଟି କୋଣ ଅନୁକୋଣରେ ପହଂଚିଛି । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି - ଯୁକ୍ତହାର ବିହରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ ଯୁକ୍ତସ୍ୱପ୍ନାକ୍ତ ବୋଧସ୍ୟ ଯୋଗୋଭବତି ଦୁଃଖହା ।' ଅର୍ଥାତ୍ ଉଚିତ ଆହାର, ଉଚିତ ବିହାର, କର୍ମରେ ଉଚିତ ଚେଷ୍ଟା, ଠିକ୍ ସମୟରେ ଶୋଇବା, ଠିକ୍ ସମୟରେ ଉଠିବାରେ ଅଭ୍ୟସ୍ତ ଯୋଗୀର ସମସ୍ତ ଦୁଃଖ ନଷ୍ଟ ହୋଇଯାଏ । ସଂସ୍କୃତରେ ଯୁଜ୍ ଧାତୁରୁ ଯୋଗ ଶବ୍ଦଟି ନିଷ୍ପନ୍ନ ହୋଇଛି । ମୋଟାମୋଟି ଭାବରେ ଯୋଗର ଅର୍ଥ ଜୀବାତ୍ମାଙ୍କ ସହ ପରମାତ୍ମାଙ୍କ ମିଳନ । ଯୋଗ ମନୁଷ୍ୟର ଚେତନା ବିକାଶର ବିଜ୍ଞାନ । ଯୋଗ ସାଧନା ଏକ ବିଂଶ ଶତାବ୍ଦୀରେ ପ୍ରତ୍ୟେକ ମାନବର ଅନିର୍ବାର୍ଯ୍ୟ କର୍ତବ୍ୟ ରୂପେ ପରିଣତ ହୋଇଛି । ଏହି ସାଧନା ଦ୍ୱାରା ଜଣେ ନିଜକୁ ଠିକ୍ ଭାବରେ ଜାଣିବା ସହ ନିଜକୁ ଅନୁଶାସନରେ ରଖିବା ପାଇଁ ସମର୍ଥ ହୋଇପାରିବ । ମଣିଷର ଉଜୁଡ଼ି ଯାଇଥିବା ମୁହୂର୍ତ ପୁଣିଥରେ ଗଢ଼ାଯାଇ ପାରିବ । ଯୋଗ ସାଧନାର ତତ୍ୱ ଦର୍ଶନ ସହିତ ପରିଚିତ ହୋଇ ମଣିଷ ନିଜକୁ ଜାଣିପାରେ । ହଜି ଯାଇଥିବା ଶାନ୍ତିକୁ ପୁନର୍ବାର ଫେରି ପାଇପାରେ । ଏହାର ନିୟମିତ ଅଭ୍ୟାସ ଦ୍ୱାରା ଆମ୍ଭେମାନେ ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ପ୍ରତିଭା, ବିଦ୍ୟା, ଆନନ୍ଦ ଓ ସର୍ବୋପରି ଶାନ୍ତି ଭଳି ବରଦାନ ପ୍ରାପ୍ତ ହୋଇ ପାରିବା । ତେଣୁ ଆଜି ଆନ୍ତର୍ଜାତିକ ଯୋଗ ଦିବସରେ ଉଜ୍ଜଳ ଭବିଷ୍ୟତର ଆଧ୍ୟାତ୍ମିକ ସମ୍ଭାବନାକୁ ସାକାର କରିବାଲାଗି ଯୋଗ ସାଧନାର ତ□ ଦର୍ଶନକୁ ହୃଦୟଙ୍ଗମ କରିବା ଏବଂ ଏହାକୁ ଜୀବନର ଦିବ୍ୟମୟ ପଥପାଇଁ ପ୍ରଶସ୍ତର କ୍ଷେତ୍ର ଭାବେ ଗ୍ରହଣ କରିବା ।

*ସହକାରୀ ପ୍ରଫେସର, ଶରୀରତ□ ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ : ୮୨୪୯୭୯୯୯୦୬*

## ସାହିତ୍ୟ ଆକାଶର ତାରକା ରାମକୃଷ୍ଣ

◆ ଅକ୍ଷୟ ପଣ୍ଡା

ଏ ସଂସାରରେ ଅନେକ ଜନ୍ମ ହୁଅନ୍ତି । ହସି ଖେଳି ମଉଜ ମଜଲିସ କରି ଦୁନିଆରୁ ଚାଲି ଯାଆନ୍ତି । ସେମାନେ ବ□ନ୍ତି ସେହି ମାନଙ୍କ ପାଇଁ । ନା ଅନ୍ୟର ଦୁଃଖରେ ଦୁଃଖି ହୁଅନ୍ତି ନା ଅନ୍ୟର ସୁଖରେ ସୁଖି ହୁଅନ୍ତି । ସେହିମାନଙ୍କ କଥା କିଏ କାହିଁକି ଭାବିବ । ହେଲେ ଏଭଳି ମଣିଷ ଯିଏ ଅନ୍ୟ ପାଇଁ ବଂଚେ□ । ଅନ୍ୟର ଆଖିରୁ ଲୁହ ପୋଛି ଦେଇ ତାଙ୍କ ଦୁଃଖରେ ସାମିଲ ହୁଏ । ନିଜେ ଜଳି ଜ୍ଞାନ ଆଲୋକରେ ସାରା ସଂସାରକୁ ଆଲୋକିତ କରି ଦିଏ । ତାଙ୍କୁ ସମସ୍ତେ ମନେ ରଖନ୍ତି । ଆଉ ସେ କହେ ମନ ଭିତରେ ଶାନ୍ତି, ଦୟା, କ୍ଷମା ଓ ବିନୟର ଭାବ ସାଇତି ରଖ । ଏହା ମଣିଷ ଭୂଷଣ । ଖାଲି ସେତିକି ନୁହେଁ ଅନ୍ୟ ସମସ୍ତଙ୍କୁ ପ୍ରେରଣା ଦିଏ ଦୁଃଖୀ ଅରକ୍ଷୀତଙ୍କୁ ସେବା କରିବା ପାଇଁ । ସେ ଆଉ କେହି ନୁହେଁ । ସାହିତ୍ୟ ଆକାଶର ତାରକା ରାମକୃଷ୍ଣ ନନ୍ଦ । ଯିଏ ଆହେ ଦୟା ମୟ ବିଶ୍ୱ ବିହାରୀରେ ଲେଖି ଥିଲେ - *"ସତ କହିବାକୁ କିଆଁ ଡ଼ରିବି, ସତ କହି ପଛେ ମଲେ ମରିବି ।"* ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ ୧୯୦୬ ମସିହା ଫେବୃଆରୀ ମାସ ୧୫ ତାରିଖରେ କଟକ ବୈରାଇ ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ମଧୁସୁଦନ ନନ୍ଦ । ଆଉ ସାନ ଭାଇଙ୍କ ନାମ ଥିଲା ଦୀନକୃଷ୍ଣ ନନ୍ଦ । ସୌଦାମିନୀ ନନ୍ଦ ଥିଲେ ତାଙ୍କର ସହ ଧର୍ମୀଣୀ ସେ ତାଙ୍କର ବାଲ୍ୟକାଳର ଶିକ୍ଷା ଗ୍ରାମ୍ୟ ସ୍କୁଲ ଓ କ□ପଡ଼ାରେ ସମାପ୍ତ କରି ରେଭେନସା କଲେଜେଟ୍ ସ୍କୁଲରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ । ପାଠ ପଢା ସମୟରେ ସେ ଗୋପବନ୍ଧୁଙ୍କ ସଂସ୍ପର୍ଶରେ ଆସିଥିଲେ । ସେ ସ୍ୱଇଚ୍ଛାରେ ଅଳକା ଆଶ୍ରମରେ ସ୍ୱଚ୍ଛାସେବୀ ରୂପେ କାମ କରିଥିଲେ । ସେ ପଣ୍ଡିତ ନୀଳକଣ୍ଠ ଦାଶଙ୍କ ପ୍ରେରଣା ପାଇ ସତ୍ୟବାଦୀ ଜାତୀୟ ବିଦ୍ୟାଳୟରେ ଜ୍ଞାନ ଲାଭ ପାଇଁ ଯୋଗଦାନ କରିଥିଲେ । ସେଠାରୁ ସେବା, ପରୋପକାର କରିବାର ମହା ମନ୍ତ୍ର ଲାଭ କରିଥିଲେ । ସେ ଅନୁଭବ କରିଥିଲେ ସମାଜକୁ ସୁନ୍ଦର କରି ଗଢି ବାକୁ ହେଲେ ପିଲା ମାନଙ୍କର ଚରିତ୍ର ନିର୍ମାଣ କରିବାକୁ ପଡ଼ିବ । ଉପଯୁକ୍ତ ଶିକ୍ଷା ଲାଭ ପରେ ସେହି ପିଲାମାନେ ବଡ଼



ହୋଇ ସୁନ୍ଦର ସମାଜ ଗଢି ପାରିବେ । ସେଥିପାଇଁ ସେ ବାଙ୍କି ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ତା ପରେ ବାରିପଦା ହାଇସ୍କୁଲରେ ଛଅ ବର୍ଷ କାଳ ଶିକ୍ଷା ଦାନ କରିଥିଲେ । ୧୯୪୬ ମସିହାରେ ଶିକ୍ଷକତାରୁ ଅବ୍ୟାହତି ନେଇ ଆରମ୍ଭ କରିଥିଲେ ଲେଖନୀ ଚାଳନା । ମାନବ ସମାଜ କିପରି ବିକଶିତ ହେବ ତାହା ଥିଲା ତାଙ୍କ ଜୀବନର ମହାନ ଉଦେଶ୍ୟ । ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସ୍ୱର୍ଗତ ନନ୍ଦ ୧୯୪୭ ମସିହାରେ ପ୍ରତିଷ୍ଠା କରିଥିଲେ ପାରିଜାତ ପ୍ରେସ । କୋମଳମତି ଶିଶୁ ମାନଙ୍କ ପାଠ ପଢା ପ୍ରତି କିପରି ଆଗ୍ରହ ସୃଷ୍ଟି ହେବ । ସେଥିପାଇଁ ସେ ଆପ୍ରାଣ ଉଦ୍ୟମ କରି ସଂସାର ପ୍ରତିକା ପ୍ରକାଶ କରିଥିଲେ । ଆଉ ଗଢି ଥିଲେ ଭାଷାର ସୌଧ ସୃଷ୍ଟି କରିଥିଲେ ଅନେକ କବି, ଲେଖକ, ବୈଜ୍ଞାନିକ ଓ ଦାର୍ଶନିକ । ସେ ମଧ୍ୟ ସାରସ୍ୱତ ସେବାରେ ନିଜକୁ ସମ୍ପୂର୍ଣ୍ଣ ରୁପେ ନିୟୋଜିତ କରିଥିଲେ । ତାଙ୍କ ଲେଖନୀରୁ ଜନ୍ମ ନେଇ ଥିଲା ସାହିତ୍ୟ ସୋପାନ, ସାହିତ୍ୟ ବୋଧ, ରଚନା ଦର୍ପଣ, ତୁଳସୀ ଦାଶ ଦୋହା ବଳୀ, ସଂଗ୍ରାମ ଓ ସାଧନା ଓ ବିଜ୍ଞାନ କୁହୁକ । ସେ ମଧ୍ୟ ଓଡ଼ିଆ ଭାଷା କୋଶ ରଚନା କରିଥିଲେ । ଯାହାର ନାମ ଥିଲା ବିଶ୍ୱ ପରିଚୟ । ତାହା ଛଡ଼ା ଝୁମୁକା, ଓଡ଼ିଆ ଶିଶୁ ସାହିତ୍ୟ ଓ ସଂଗୀତ ସଂକଳନ ଆଦି ତାଙ୍କର ଅମ୍ଳାନ କୃତି । ସୁନା ପାହାଚ, ଜୀବନ ରହସ୍ୟ, ରତ୍ନ ପାଦୁକା, ଅଦେଖା ବନର ଫୁଲ, ଟୁନ୍ ଟୁନ୍ ଭାଇ ଓ ଭାବି ଦେଖନ୍ତୁ ଆଦି ପୁସ୍ତକର ସେ ଥିଲେ ରଚୟିତା । ସ୍ୱର୍ଗତ ନନ୍ଦଙ୍କର ପ୍ରଥମ ଲେଖା ଚନ୍ଦ୍ରିକାରେ ପ୍ରକାଶ ପାଇଥିଲା । ତାଙ୍କର ପ୍ରାର୍ଥନା ଆହେ ଦୟା ମୟ ବିଶ୍ୱ ବିହାରୀ ଏକ ଓଡ଼ିଆ ଫିଲ୍ମରେ ଗାନ କରା ଯାଇଥିଲା । ସେ ମଧ୍ୟ ୧୯୭୮ ମସିହାରେ ବଳୀଦାନ ପାଇଁ ହୋଲି ହୋଲି ରଙ୍ଗ ରଙ୍ଗେଲି ଗୀତ ରଚନା କରିଥିଲେ । ଓଡ଼ିଆ ସାହିତ୍ୟ ଏକାଡ଼େମୀ ଦ୍ୱାରା ୧୯୭୫ ମସିହାରେ ରାମକୃଷ୍ଣ ନନ୍ଦଙ୍କୁ ପୁରସ୍କୃତ କରାଯାଇଥିଲା । ତାହା ଛଡ଼ା ଶିଶୁ ସାହିତ୍ୟ ସମିତ, ଯଦୁମଣି ସାହିତ୍ୟ ସଂସଦ, କାଳୀକା ସାଂସ୍କୃତିକ ଅନୁଷ୍ଠାନ ଓ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଦ୍ୱାରା ସେ ପୁରସ୍କୃତ ହୋଇଥିଲେ । କବି ରାମକୃଷ୍ଣ ନନ୍ଦଙ୍କର ନଶ୍ୱର ଦେହ ୨୮ ଅକ୍ଟୋବର ୧୯୯୪ ମସିହାରେ ମାଟି ମା କୋଳରେ ସବୁ ଦିନ ପାଇଁ ମିଶି ଯାଇଥିଲା । ହେଲେ ସେ ଆମ ହୃଦୟରେ ଏବେ ବି ଜୀବିତ । ଆଜି ଉତ୍କଳର ଘରେ ଘରେ ତାଙ୍କର ରଚିତ ଆହେ ଦୟା ମୟ ବିଶ୍ୱ ବିହାରୀ ପ୍ରତି ଦିନ ଗାନ କରାଯାଏ । ଯଦି ଆମେ ତାର ଅନ୍ତସ୍ୱର ବୁଝି କାମ କଲେ ଆମ ସମାଜରୁ ଦୁଃଖ, କଷ୍ଟ, ଯନ୍ତ୍ରଣା ସବୁ ଦିନ ପାଇଁ ଲୋପ ପାଇ ଯିବ । ସମସ୍ତେ ହସ ଖୁସି ଆନନ୍ଦରେ ରହିବେ । ଆଉ ମନେ ପକେଇବେ ସାହିତ୍ୟ ଆକାଶର ତାରକା ରାମକୃଷ୍ଣ ନନ୍ଦଙ୍କୁ ।

***ଆଳି, ଲୋକାପଡ଼ା, ମୋ - ୯୩୩୭୪୯୨୩୦୭***

## ରମା ଏକାଦଶୀ

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା



ପ୍ରତିବର୍ଷ ଦୀପାବଳି ପୂର୍ବରୁ ପଡୁଥିବା କାର୍ତିକ କୃଷ୍ଣପକ୍ଷ ଏକାଦଶୀ ତିଥି ରମା ଏକାଦଶୀ ନାମରେ ପ୍ରସିଦ୍ଧ । ଏହି ପବିତ୍ର ଏକାଦଶୀ ତିଥି ରମା ଏକାଦଶୀ ନାମରେ ପ୍ରସିଦ୍ଧ । ଏହି ପବିତ୍ର ତିଥିରେ ଭଗବାନ ବିଷ୍ଣୁ ଏବଂ ମା'ଲକ୍ଷ୍ମୀଙ୍କ ପୂଜା କରାଯାଇ ଥାଏ । ରମା ବା ରମ୍ଭା ଏକାଦଶୀ ଚର୍ତୁମାସର ଅନ୍ତିମ ଏକାଦଶୀ ହୋଇଥିବାରୁ ଏହାର ବିଶେଷ ମହତ୍ୱ ରହିଛି । ଏହି ଦିନ ଲକ୍ଷ୍ମୀ-ନାରାୟଣଙ୍କୁ ଧ୍ୟାନ କରି ବ୍ରତ ରଖୁଥିବା ବ୍ୟକ୍ତିର ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ । ବ୍ରତଧାରୀ ପାପ କର୍ମର ପ୍ରଭାବରୁ ମୁକ୍ତ ହୋଇ ଉତମ ଲୋକରେ ସ୍ଥାନ ପାଇଥାଏ । ଏହି ବ୍ରତ ପୂଜା କରିବା ସହ ଭଗବାନ ବିଷ୍ଣୁଙ୍କୁ ତୁଳସୀ ଅର୍ପଣ କରାଯାଏ । ରମା ଏକାଦଶୀ ପାଳନ ପଛରେ ଏକ ପୌରାଣିକ କାହାଣୀ ରହିଛି । ପ୍ରାଚୀନ କାଳରେ ମୁଚୁକୁନ୍ଦ ନାମକ ଜଣେ ରାଜା ଥିଲେ । ତାଙ୍କ ଜ୍ୱାଇଁ ଶୋଭନ ଏହି ବ୍ରତ ରଖିଥିଲେ । ଶାରୀରିକ ଭାବେ ଦୁର୍ବଳ ହୋଇ ଥିବାରୁ ସେ ଭୋକଶୋଷରେ ରହି ନପାରି ପ୍ରାଣତ୍ୟାଗ କଲେ । ତେବେ ବ୍ରତର ପ୍ରଭାବରେ ଶୋଭନଙ୍କୁ ସ୍ୱର୍ଗଲୋକ ପ୍ରାପ୍ତି ହେଲା । ରମ୍ଭା, ମେନକା ଆଦି ଅପସରା ତାଙ୍କର ସେବା କଲେ । ଓଡ଼ିଆ ଆଧ୍ୟାତ୍ମିକ ଓ ଜନଜୀବନରେ ଚେତନାରେ ରମା ଏକାଦଶୀ ଏକ ଦିବ୍ୟ ସ୍ମରଣୀୟ ଦିବସ । ଏହି ଦିନ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ ବ୍ରତଚାରୀମାନେ ନିଷ୍ଠାର ସହିତ ଦିବସଟିକୁ ପାଳନ କରିଥାନ୍ତି । ସ୍ୱଭାବିକ ଭାବେ କାର୍ତିକ ମାସ ଚାଲିଥିବାରୁ ଏହାର ଗୁରୁତ୍ୱ ଆହୁରି ବଢ଼ିଯାଇଥାଏ । ତୁଳସୀ ଚଉରାରେ ଅଖଣ୍ଡ ଦୀପ ସହ ହବିଷ ଅନ୍ନ ଓ ଫଳ ଗ୍ରହଣ ସହ ଏହି ଦିବସରେ ଗରିବ ଲୋକମାନଙ୍କୁ ଖାଦ୍ୟ ଓ ବ୍ରତ ପ୍ରଦାନ କରିଥାନ୍ତି । ପୁରୀ ଶ୍ରୀମନ୍ଦିରରେ ଏହି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆନନ୍ଦ ବଜାରରେ ମହାପ୍ରସାଦ ପାଇଲେ କୋଟି ଜନ୍ମର ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଏହି ଦିନ ପୁରୀ ଶ୍ରୀମନ୍ଦିରରେ ପ୍ରବଳ ଜନସମାଗମ ହୋଇଥାଏ । ଅନେକ ବ୍ରତଚାରୀ ଏହି ଦିନରେ ଅସହାୟ ଓ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କ ପାଇଁ ଅନ୍ନଦାର ସେବା କାର୍ଯ୍ୟକ୍ରମ ରଖିଥାନ୍ତି । ଏହି ଦିନ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଭିତରେ ଦିନଟିକୁ ଭଗବାନଙ୍କ ପ୍ରତି ସମର୍ପଣ କରି ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ପାଳନ କରିଥାନ୍ତି ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ : ୯୪୩୭୦୩୧୨୫୩*

## ପ୍ରକୃତ ଧର୍ମ

◆ ଅନୀତା ପଟ୍ଟନାୟକ

ଗୋଟିଏ ସମୃଦ୍ଧଶୀଳ ଗ୍ରାମରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ, ଶିଖ ଏପରି ବିଭିନ୍ନ ଧର୍ମର ଲୋକମାନେ ଏକାଠି ବସବାସ କରୁଥିଲେ । ବିଭିନ୍ନତା ମଧ୍ୟରେ ଏକତା ଥିଲା । ଏକତ୍ୱ ହିଁ ଦୈବତ୍ୱ ଏହାକୁ ସବୁ ଧର୍ମର ଲୋକମାନେ ବିଶ୍ୱାସ କରୁଥିଲେ । ସେହି ଗ୍ରାମର ପୁରୁଣାକାଳିଆ ଲୋକମାନେ ବୁଦ୍ଧିମତାର ସହ ଅନୁଧ୍ୟାନ କରି ହୃଦୟଙ୍ଗମ କରିଥିଲେ ଯେ ସବୁଧର୍ମ ଭଲଶିକ୍ଷା ଦିଅନ୍ତି । ଆମ ମନ ଯଦି ଭଲ, ତେବେ କୌଣସି ଧର୍ମର କୁସଂସ୍କାର ଆମକୁ ଖରାପ ଶିକ୍ଷା ଦେଇପାରିବ ନାହିଁ । ପୁରୁଣା କାଳିଆ ଲୋକମାନେ ଏହା ମଧ୍ୟ ହୃଦୟଙ୍ଗମ କରିଥିଲେ ଦୟା, ସତ୍ୟ, ଅହିଂସା, ପ୍ରେମ, ଶାନ୍ତି ଉପରେ ସବୁଧର୍ମ ପ୍ରତିଷ୍ଠିତ । ସବୁଧର୍ମ ଗୋଟିଏ ଗୋଟିଏ ପଥ ।ଧୀରେ ଧୀରେ ବିଭିନ୍ନ ଧର୍ମର କୁସଂସ୍କାର ଗୁଡ଼ିକ ମୁଣ୍ଡ ଟେକିବାକୁ ଲାଗିଲେ । ପରସ୍ପର ଧର୍ମର ଧର୍ମାବଲମ୍ବୀମାନେ ନିଜ ନିଜ ଧର୍ମର ପତିଆରା ଦେଖାଇବା ପାଇଁ କଳହ କଲେ । ବଡ଼ ବଡ଼ ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାର, ଶାନ୍ତିସ୍ତୁପ ସବୁ ଗଢ଼ି ଉଠିଲେ ହେଁ ପରସ୍ପର ମଧ୍ୟରେ କଳହ, ଅନ୍ୟାୟ, ଅତ୍ୟାଚାର, ହତ୍ୟା ପ୍ରଭୃତି ବଢ଼ିଚାଲିଲା । ଥରେ ଜଣେ ମହାନ ସାଧୁ ସେ ଗ୍ରାମକୁ ଆସିଲେ । ତାଙ୍କ ପାଟିରୁ ମନ୍ଦିର ପାଖରେ ରାମ ରାମ ବାହାରୁଥିଲା । ମସଜିଦ ନିକଟରେ ଆଲ୍ଲା ହୋ ଆକବର, ଖୁଦା ସବକା ଭଲାକରେ, ଆମିନ ପ୍ରଭୃତି ଶବ୍ଦ ବ୍ୟବହାର କରୁଥିଲେ । ଶାନ୍ତିସ୍ତୁପ ନିକଟରେ ବୁଦ୍ଧଂ ଶରଣଂ ଗଚ୍ଛାମି, ଚରୈବତି ଚରୈବତି ପ୍ରଭୃତି ଶବ୍ଦ ବ୍ୟବହାର କରୁଥିଲେ ଓ ଗୁରୁଦ୍ୱାରରେ ଗ୍ରନ୍ଥସାହେବ ନିକଟରେ ମଥା ଟେକୁଥିଲେ ଓ ନାନକଦେବକୀ ଜୟ ବୋଲି କହୁଥିଲେ । ସବୁଧର୍ମର ଧର୍ମଗୁରୁମାନେ ଏକାଠି ହୋଇ ସାଧୁଙ୍କ ନିକଟକୁ ଯାଇ ଭଗବାନଙ୍କ ସମ୍ବନ୍ଧରେ ଜାଣିବାର ଜିଜ୍ଞାସା ରଖିବାରୁ ସେ କହିଲେ ମୋ ପାଇଁ ଗୋଟିଏ ଖୋଲା ପଡ଼ିଆ ଦରକାର । ମଂଚା ଦରକାର ଓ ଗୋଟିଏ ଗାଡ଼ି ଦରକାର । ପଡ଼ିଆ ଓ ମଂଚା ମିଳିବାରେ ଗାଁରେ କିଛି ଅସୁବିଧା ହେଲାନାହିଁ ହେଲେ, ଜଣେ ହିନ୍ଦୁବ୍ୟକ୍ତି ତାଙ୍କର ଗୋଟିଏ ପୁରୁଣା ଗାଡ଼ି ଧରି ସାଧୁଙ୍କ ନିକଟରେ ପହଂଚିଲେ । ସାଧୁ କହିଲେ ଏ ଗାଡ଼ିର ରଙ୍ଗ ଠିକ ନାହିଁ ତେଣୁ ସେ ଗାଡ଼ିରେ ଯିବା ନାହିଁ । ଏକଥା ଶୁଣି ମୁସଲମାନ ଧର୍ମର ଧର୍ମଗୁରୁ ତାଙ୍କର ଗାଡ଼ି ଧରି ଆସି ପହଂଚିଲେ, କିନ୍ତୁ ସେ ଗାଡ଼ିର ଚକା ଗୁଡ଼ିକ ଟିକେ ପୁରୁଣା ହୋଇଯାଇ ଥିବାରୁ ଧର୍ମଗୁରୁ ସେଥିରେ ଯିବାକୁ ମନାକଲେ । ଏକଥା ଶୁଣି ବୌଦ୍ଧଧର୍ମୀ ଜଣେ ବ୍ୟକ୍ତି ତାଙ୍କ ଗାଡ଼ି ଧରି ଆସି ପହଂଚିଲେ । କିନ୍ତୁ ତାହା ଲାଲ ରଙ୍ଗର ହୋଇଥିବାରୁ ସାଧୁ ସେଥିରେ ଯିବା ପାଇଁ ମନାକଲେ । ଏହାରେ ଶିଖ ଧର୍ମଗୁରୁ ଆଉ ଏକ କାର ନେଇ ପହଂଚିଲେ କିନ୍ତୁ ତାହା ଅତ୍ୟନ୍ତ ଶବ୍ଦ କରୁଥିବାରୁ ଓ ଚକରେ ପମ୍ପ କମ ଥିବାରୁ ଗାଡ଼ିର ସିଟ ଗୁଡ଼ିକ ପୁରୁଣା ହୋଇଯାଇଥିବାରୁ ଗୁରୁ ସେଥିରେ ଯିବାକୁ ରାଜି ହେଲେନାହିଁ ଓ ଶେଷରେ ସବୁଧର୍ମ ଗୁରୁମାନେ ଚାଲି ଚାଲି ଯାଇ ମଂଚା ନିକଟରେ ପହଂଚିଲେ । ସାଧୁ ସବୁ ଧର୍ମ ଗୁରୁମାନଙ୍କୁ ଶିଖାଇବାକୁ ଚାହୁଁଥିଲେ ପଥ ଅନେକ ଲକ୍ଷ୍ୟ ଏକ । ସବକା ମାଲିକ ଏକ । ସଭା ଆରମ୍ଭ ହେଲା । ସାଧୁ କହିଲେ, ପ୍ରକୃତ ଜାତୀୟତାବାଦୀ ସେ ତାର ଦେଶର ଟିକେ ବି ଅନିଷ୍ଟ କରିନଥାଏ । ଜ୍ଞାନ ଅର୍ଥ କେବଳ ପଖଢ଼ିବା, ଶୁଣିବା, ଘୋଷିବାକୁ ବୁଝାଯାଏ ନାହିଁ । ଯେପରି କି ଆମେ ବିଭିନ୍ନ ଧର୍ମରେ ଦେଖିବାକୁ ପାଇଥାଉ । ବରଂ ଦୈନନ୍ଦିନ ଜୀବନରେ ଜ୍ଞାନର ବପ୍ୟବହାରକୁ ଏହାର ପ୍ରକୃତ ବିନିଯୋଗ ବୋଲି ଧରାଯାଏ । ପ୍ରେମ, ଦୟା, ଶାନ୍ତି, ଅହିଂସା ଓ ସତ୍ୟ ଉପରେ ସବୁଧର୍ମ ପ୍ରତିଷ୍ଠିତ । ଯେପରି ବିଭିନ୍ନ ଗାଡ଼ି ଗନ୍ତବ୍ୟ ସ୍ଥଳକୁ ନେବା ପାଇଁ ଥାଇପାରେ । ଗାଡ଼ିରେ କିଛି ଭୁଲଭଟକା ଥାଇପାରେ କିନ୍ତୁ ଏହା ଗନ୍ତବ୍ୟ ପଥ ଆଡ଼କୁ ଗଲେ ସେହିପରି ବିଭିନ୍ନ ଧର୍ମରେ ବିଭିନ୍ନ କୁସଂସ୍କାର ଥାଇପାରେ କିନ୍ତୁ ଏହା ଲକ୍ଷ୍ୟ ସ୍ଥଳ (ଭଗବାନଙ୍କ ନିକଟ)ରେ ପହଂଚିବାକୁ ନିର୍ଦ୍ଦେଶ କରିଥାଏ । ଭାଷଣ ସରିଯିବା ପରେ ସବୁଧର୍ମର ଧର୍ମଗୁରୁମାନଙ୍କୁ ସାଧୁ ରହୁଥିବା ଆଶ୍ରମକୁ ତା ପରଦିନ ରାତ୍ର ଭୋଜନ ପାଇଁ ଡାକିଲେ । ପ୍ରଥମେ ଜଣେ ମୌଲବୀ ଆଶ୍ରମ ନିକଟରେ ପହଂଚିଲା କ୍ଷଣି ଦେଖିଲେ, ରାସ୍ତାରେ କିଛି କାଚ ପଡ଼ିଛି । ସେ ଏହାକୁ ଖାତିର ନକରି ତା ଉପରେ ଚଢ଼ି ରକ୍ତାକ୍ତ ହୋଇ ଆଶ୍ରମ ପିଣ୍ଡାରେ ଯାଇ ବସିଲେ । ଏହାପରେ ଶିଖ ଧର୍ମଗୁରୁ ଆସିଲେ । ସେ ଦେଖିଲେ ରାସ୍ତରେ ଗୁଡ଼ାଏ ଲୁହାକଂଟା ପଡ଼ିଛି ସେ ତାଙ୍କର ଖଣ୍ଡା ଦ୍ୱାରା କିଛିଟା ଆଡ଼େଇଲେ ମଧ୍ୟ କିଛିଟା କଂଟା ତାଙ୍କ ଗୋଡ଼କୁ କ୍ଷତାକ୍ତ କଲା ତଥାପି ସେ ଆଶ୍ରମ ପିଣ୍ଡା ପାଖରେ ପହଂଚିଲେ । ଏହାପରେ ବୌଦ୍ଧଧର୍ମ ଗୁରୁ ଆସିଲେ, ସେ ଦେଖିଲେ ଆଶ୍ରମ ଆଗରେ ଗୁଡ଼ାଏ କଂଟାବୁଦା ହୋଇଛି ତେଣୁ ତାହାକୁ ସଫା କରି ଆଶ୍ରମରେ ପହଂଚିଲା ବେଳକୁ ସେ କିଛିଟା କ୍ଷତାକ୍ତ ଓ ରକ୍ତାକ୍ତ ହେଲେ । ଶେଷରେ ଜଣେ ହିନ୍ଦୁଧର୍ମ ଗୁରୁ ଆସିଲେ ସେ ଦେଖିଲେ ଆଶ୍ରମରେ ପହଂଚବାକୁ ହେଲେ ଗୁଡ଼ାଏ କଂଟାବୁଦା, କାଚ ଓ ଲୁହା କଂଟାକୁ ଆଡ଼େଇ ଯିବାକୁ ପଡ଼ିବ ତେଣୁ ସେ ଆଶ୍ରମ ପାଖରେ ଥିବା ଦୁଇ ଚାରି ଜଣକୁ ଏକାଠି କଲେ । ଝାଡୁ, କୋଦାଳ ପ୍ରଭୃତି ଆଣି ଆଶ୍ରମର ପରିସରକୁ ସଫା କଲେ ଓ ଆଶ୍ରମ ପିଣ୍ଡାରେ ଯାଇ ବସିଲେ । ଏଥର ସାଧୁ ଆଶ୍ରମ ଭିତରୁ ସମସ୍ତଙ୍କ ପାଇଁ ଖାଦ୍ୟ ଆଣି ନିଜେ ପରଶିଦେଲେ ଓ କହିଲେ 'ଜ୍ଞାନବିହୀନ କର୍ମକୁ ବୋକାମୀ କୁହାଯାଏ । ଜ୍ଞାନ ଥାଇ ମଧ୍ୟ କର୍ମ ନକଲେ ଉକ୍ତ ଜ୍ଞାନକୁ ବେକାର ଜ୍ଞାନ କୁହାଯାଏ । କିଛି ବଡ଼ କରିବାକୁ ହେଲେ କର୍ମ ଅପରିହାର୍ଯ୍ୟ । ସେଥିପାଇଁ ସ୍ୱପ୍ନ, ବିଚାର ଓ ବିଶ୍ୱାସର ଆବଶ୍ୟକତା ରହିଛି ।' ଯାହା ପ୍ରଥମ ଦେଖାରେ ପ୍ରତୀୟମାନ ହୁଏ ତାହା ବଡ଼କଥା ନୁହେଁ, ବରଂ ଆଗକୁ ଅନୁଧ୍ୟାନ କରି ନୀରବତାରସହ ପ୍ରକୃତ ଧର୍ମର ଅନ୍ତରାର୍ଥକୁ ଉପଲବ୍ଧି କରିବା ହେଉଛି ପ୍ରକୃତ ଧର୍ମ ।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, ସେକ୍ଟର-୧୦, କଟକ, : ୯୬୯୨୯୮୦୦୨୬*











# ସାମ୍-ଏସଏଏମ୍ ଆହ୍ୱାନଗୁଡିକୁ ଗୁରୁତ୍ୱ ଦେବା ପାଇଁ ମିଡିଆ ରାଉଣ୍ଡ୍ ଟେବୁଲ୍

## ସଠିକ୍ ପରିଚାଳନା ଜୀବନ ରକ୍ଷା କରେ ଏବଂ ପିଲାମାନଙ୍କ ଦୀର୍ଘସ୍ଥାୟୀ ସୁସ୍ଥତା ଓ ଜ୍ଞାନର ବିକାଶକୁ ପ୍ରୋତ୍ସାହିତ କରେ

ବଲାଙ୍ଗିର : ୟୁନିସେଫ୍ ଏବଂ ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗ(ଡିଏସଡବ୍ଲ୍ୟୁ) ମିଳିତ ଭାବରେ ଅପପୁଷ୍ଟିର ମୁକାବିଲା ପାଇଁ ବଲାଙ୍ଗୀରରେ ଏକ ମିଡିଆ ରାଉଣ୍ଡ ଟେବୁଲ୍ ର ଆୟୋଜନ କରାଯାଇଥିଲା । ଏହି ରାଉଣ୍ଡ ଟେବୁଲ୍ରେ ବଲାଙ୍ଗୀର ଅଂଚଳରେ ଅତିଶୟ ଅପପୃଷ୍ଟି (ସାମ୍-ଏସଏଏମ୍)ର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ଅସୁରକ୍ଷିତ ଜନସାଧାରଣଙ୍କ ପାଇଁ ସଚେତନତା ସୃଷ୍ଟି ପ୍ରୋଜେକ୍ଟ୍ର ଫଳାଫଳକୁ ଉନ୍ନତ କରିବା ପାଇଁ ବିଭିନ୍ନ କ୍ଷେତ୍ରର ସହଯୋଗ ଏବଂ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋକପାତ କରାଯାଇଥିଲା । ବଲାଙ୍ଗୀର ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ (ଡିଏସଡବ୍ଲ୍ୟୁ) ଶ୍ରୀମତି ସୁଷମା ମହାପାତ୍ର, ଅପପୃଷ୍ଟି ମୁକାବିଲା ପାଇଁ ଜିଲ୍ଲାରେ ଦେଖା ଦେଇଥିବା ସମସ୍ୟା ଏବଂ ପ୍ରଭାବଶାଳୀ ସାମ୍-ଏସ୍ଏଏମ୍ ପରିଚାଳନା ପାଇଁ ଏହି ଅଂଚଳର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିଶୁ ଓ ମା'ମାନଙ୍କୁ ଜରୁରୀ ପୋଷଣ ସେବା ଯୋଗାଇବାରେ ଅଙ୍ଗନବାଡି କର୍ମୀ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ କହିଥିଲେ, "ଅପପୃଷ୍ଟି ଏକ ଚିନ୍ତାର ବିଷୟ ହୋଇ ରହିଛି । କିନ୍ତୁ, ଆମ ଦକ୍ଷତା ଉପରେ ଆମର ବିଶ୍ୱାସ ଅଛି ଯେ ସ୍ଥାନୀୟ ସଂଗଠନ, ସ୍ୱାସ୍ଥ୍ୟ କର୍ମୀ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ସହଯୋଗରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିପାରିବା । ଏହି ସମସ୍ୟାଗୁଡିକର ସମାଧାନ ପାଇଁ ସମ୍ପ୍ରଦାୟର ଯୋଗଦାନ ପ୍ରମୁଖ ଭୂମିକା ଗ୍ରହଣ କରେ, ଏବଂ ତୃଣମୂଳ ସ୍ତରର ପ୍ରୟାସକୁ ମଜବୁତ କରିବାକୁ ଆମେ ସଂକଳ୍ପବଦ୍ଧ ବୋଲି ସେ କହିଥିଲେ" । ୟୁନିସେଫ୍ ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ, ଅପପୁଷ୍ଟି ଏବଂ ସାମ୍-ଏସ୍ଏଏମ୍ ପରିଚାଳନାର ସମୀକ୍ଷା କରି କହିଥିଲେ, "ବଲାଙ୍ଗୀରରେ ପ୍ରାୟ ୪୦ ପ୍ରତିଶତ ପିଲାଙ୍କର ବୟସ ଅନୁଯାୟୀ ଉଚ୍ଚତା କମ୍ ଏବଂ ୧୫ ପ୍ରତିଶତ ପିଲାଙ୍କର ବୟସ ଅନୁଯାୟୀ ଓଜନ କମ୍ । ସ୍ୱାସ୍ଥ୍ୟ ସେବା, ପରିମଳ ଏବଂ ଶିକ୍ଷାକୁ ଅର୍ନ୍ତଭୁକ୍ତ କରି ସାମ୍-ଏସ୍ଏଏମ୍ ପରିଚାଳନା ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ଆବଶ୍ୟକ । ପ୍ରଭାବଶାଳୀ ସାମ୍-ଏସ୍ଏଏମ୍ ପରିଚାଳନା କେବଳ ଜୀବନ ରକ୍ଷା କରେ ନାହିଁ ବରଂ ପିଲାମାନଙ୍କ ଦୀର୍ଘସ୍ଥାୟୀ ସୁସ୍ଥତା ଏବଂ ଜ୍ଞାନର ବିକାଶରେ ମଧ୍ୟ ସହାୟକ ବୋଲି ସେ ମତ ପ୍ରଦାନ କରିଥିଲେ" । ସେ ଏହା ମଧ୍ୟ କହିଥିଲେ ଯେ, ସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ, ଅପପୃଷ୍ଟିର ବ୍ୟାପକ ମୁକାବିଲା ପାଇଁ ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମର କଭରେଜ୍ ର ପ୍ରୟାସକୁ ପ୍ରୋତ୍ସାହିତ କରିବ । "ପିଲାମାନଙ୍କୁ ପ୍ରଭାବିତ କରୁଥିବା କାରଣଗୁଡିକୁ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ଶକ୍ତି ରହିଛି ବୋଲି ସେ କହିଥିଲେ" ।ବଲାଙ୍ଗୀରରେ ଅପପୃଷ୍ଟି ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆହ୍ୱାନର ସମାଧାନ କରିବା ପାଇଁ ବିସ୍ତୃତ ଆଲୋଚନା ଏବଂ ପ୍ରଶ୍ନ-ଉତର ଅଧିବେଶନରେ ଅଂଶଗ୍ରହଣକାରୀମାନଙ୍କୁ ଅନ୍ତର୍ନିହିତ ମତ ଆଦାନ ପ୍ରଦାନ କରିବାର ସୁଯୋଗ ମଧ୍ୟ ପ୍ରଦାନ କରାଯାଇଥିଲା । ଗଣମାଧ୍ୟମ ପ୍ରତିନିଧିମାନେ ସଚେତନତା ବୃଦ୍ଧି ପାଇଁ ସହଯୋଗର ହାତ ବଢେଇବା ଗୁରୁତ୍ୱାରୋପ ସହିତ ସର୍ବସାଧାରଣଙ୍କ ଆଲୋଚନାରେ ସାମ୍-ଏସ୍ଏଏମ୍ କୁ ପ୍ରାଥମିକତା ଦେବା ପାଇଁ ଧ୍ୟାନ ବଜାୟ ରଖିବାକୁ ସଂକଳ୍ପ ନେଇଥିଲେ । ଗଣମାଧ୍ୟମ ରାଉଣ୍ଡ ଟେବୁଲ୍ ଭବିଷ୍ୟତର ପଦକ୍ଷେପ ପାଇଁ ଭିତିପ୍ରସ୍ତର ପ୍ରଦାନ କରିଥିଲା, ଯାହାକି ବଲାଙ୍ଗୀରରେ ଶିଶୁ ଏବଂ ମା'ମାନଙ୍କ ନିକଟରେ ନିରନ୍ତର ଭାବରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତମ ଫଳାଫଳ ଆଣିବାରେ ବହୁ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭାଗିଦାରିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

# ଚୋରି ମାମଲାରେ ୪ ଅଭିଯୁକ୍ତ ଗିରଫ

ଜୟପୁର: ସାମ୍ବାଦିକ ସମ୍ମିଳନୀରେ ଏକ ଚୋରି ମାମଲାର ପର୍ଦାଫାଶ କରିଛି ଜୟପୁର ପୋଲିସ । ଜୟପୁର ସ୍ଥିତ ସ୍ଥାନୀୟ ଆଦର୍ଶ ନଗର ଭିଆଇପି ଲାଇନ୍ ବାସିନ୍ଦା ବାଳକୃଷ୍ଣ ଅଧିକାରୀ ତାଙ୍କ ପରିବାର ସଦସ୍ୟଙ୍କ ସହ ଗତ ୧୪/୧୦/୨୪ ତାରିଖରେ ତାଙ୍କ ନିଜ ବନ୍ଧୁଙ୍କ ଘରେ ଜଗଦଲପୁର ଯାଇଥିଲେ । ସେହି ସମୟରେ ଏହି ଚାରି ଅଭିଯୁକ୍ତ ୧୫/୧୦/୨୪ ରାତିରେ ତାଙ୍କ ଗେଟ୍ ତାଲା ଭାଙ୍ଗି ଘର ଭିତରେ ପଶି ଆଲେମେରା ଭାଙ୍ଗି ଅଳଂକାର ସହିତ ଟଙ୍କା ଚୋରି କରିଥିଲେ । ଏହି ଖବର ଜାଣିବା ପରେ ବାଳକୃଷ୍ଣ ଅଧିକାରୀ ଜୟପୁର ଟାଉନ୍ ଥାନାରେ ପହଂଚି ତାଙ୍କ ଘରୁ ୨ ଲକ୍ଷ ଟଙ୍କା, ୪୦ ତୁଳା ସୁନା, ୨୫ ତୁଳା ରୂପା ଚୋରି ହୋଇଥିବା ନେଇ ଏତଲା ଦେଇଥିଲେ । ଏହି ଅଭିଯୋଗକୁ ଭିତି କରି ପୋଲିସ ୩୦୫/୨୦୨୪ କେସ୍ ରୁଜୁ କରିଥିଲେ । ଏବଂ କୋରାପୁଟ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦେଶ ଅନୁସାରେ ଜୟପୁର ଟାଉନ୍ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ଗୋଟିଏ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ ।ଆଇଓ ସବ୍ ଇନ୍ସପେକ୍ଟର ମନିସା ସାହୁ ତଦନ୍ତ ଭାର ନେଇଥିଲେ ତାଙ୍କୁ ସହଯୋଗ ପାଇଁ ସିଦ୍ଧାନ୍ତ ବେହେରା ଏବଂ ପୋଲିସ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ । ଏବଂ ଟାଉନ୍ ଥାନାରେ ଲାଗିଥିବା ସିସିଟିଭି, କିଛି ଆନ୍ୟ ସ୍ଥାନର ମଧ୍ୟ ସିସିଟିଭି ଫୁଟେଜ ଯାଂଚ୍ ଆରମ୍ଭ କରିଥିଲେ । ଏବଂ ଅନ୍ୟ ପ୍ରକାରେ ଦୁଇ, ତିନୋଟି ଟିମ୍ ଗଠନ କରି ଜୟପୁର ଟାଉନ୍ ପୋଲିସ ଏହି ଚାରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇପାରିଛି । ଜୟପୁର ସ୍ଥିତ ପ୍ରସାଦ ରାଓ ପେଟାର ଅଭିଯୁକ୍ତ କେ ସୁମନ(୨୫), ସୁନାରୀ ସାହିର ରାଜୁ ନାୟକ (୨୨), ଏହି ଦୁଇ ମୁଖ୍ୟ ଦୁଇ ଅଭିଯୁକ୍ତ ଘର ଭିତରେ ପଶି ଚୋରି କରିଥିଲେ । ଏବଂ ଏସ୍ ଭେଙ୍କଟେସ୍(୩୩), ଏମ୍ ସିବା (୪୫)ଚୋରି ଜିନିଷ ରଖିଥିଲେ । ଚୋରି ସୁନା ଗୁଡିକ ମେଲ୍ଟ କରିଦେଇଥିଲେ । ୫୪.୦୮୩ ଗ୍ରାମର ମେଲ୍ଟ ସୁନା, ଗୋଟିଏ ସୁନା ମୁଦି,୪ ଟି ରୂପା ଥାଳି, ୨ ଟି ରୂପା ଗ୍ଲାସ୍,୨ଟି ରୂପା ପାତ୍ର, ଚାରିଟି ରୂପା ଆଙ୍କଲେଟ୍, ତିନୋଟି ରୂପା ଆଙ୍ଗୁଠି ରିଙ୍ଗ, ଗୋଟିଏ ଛୋଟ ରୂପା ବକ୍ସ ଓ ନଗଦ ୧ ଲକ୍ଷ ଟଙ୍କା, ୨ଟି ସୁନା ଗଣ୍ଠି, ଏବଂ ତରଳିବା ଗ୍ୟାସ ସିଲିଣ୍ଡର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷକୁ ଜୟପୁର ଟାଉନ୍ ଥାନା ପୋଲିସ ଜବତ୍ କରିଛି । ଏବଂ ଚାରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ଜୟପୁର ପୋଲିସ । ଅଭିଯୁକ୍ତ ଏସ୍ ଭେଙ୍କଟେସ୍ ଙ୍କ ନାମରେ ୨୦୧୭ ରେ ଏକ ମାମଲା ରହିଥିବା ଜୟପୁର ଏସଡିପିଓ ଅଙ୍କିତ ବର୍ମା ଆଜିର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନଙ୍କୁ ଆଜି କୋର୍ଟ ଚାଲାଣ କରାଯିବା ନେଇ ଏସଡିପିଓ ଅଙ୍କିତ ବର୍ମା ସୂଚନା ଦେଇଛନ୍ତି ।

# ବଲାଙ୍ଗୀରରେ ଆଂଚଳିକ ଖାଦ୍ୟ ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ

ବଲାଙ୍ଗୀର : ଜିଲ୍ଲାରେ ପାଳନ ହୋଇଯାଇଛି ଆଂଚଳିକ ଖାଦ୍ୟ ମେଳା ଓ ପ୍ରଦର୍ଶନୀ । ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡ଼ିଆରେ ଓଡ଼ିଶାର ଶ୍ରୀ ଅନ୍ନ ଓ ପାରମ୍ପରିକ କୃଷି ଐତିହ୍ୟକୁ ନେଇ ଆରମ୍ଭ ହୋଇଛି ଶ୍ରୀ ଅନ୍ନ ଅଭିଯାନ । ଆଜି ପ୍ରଦର୍ଶନୀରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଜିଲ୍ଲା କୃଷି ଅଧିକାରୀ ବାବୁଲି ସେଠୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପ୍ରଫୁଲ୍ଲ ଭଞ୍ଜ, ପ୍ରମୁଖ ମଂଚାସୀନ ଥିଲେ । ମେଦବହୁଳତା, କ୍ୟାନ୍ସର, ସ୍ୱାସ୍ଥ୍ୟ ସମସ୍ୟା ବର୍ତମାନର ଖାଦ୍ୟ ଅଭ୍ୟାସ ଉପରେ ନିର୍ଭରଶୀଳ । ମିଲେଟ ଯୁକ୍ତ ଖାଦ୍ୟ କିମ୍ବା ପୁରୁଣା ଖାଦ୍ୟ ଶରୀର ପକ୍ଷେ ହିତକର ଥିଲା ବୋଲି ମଂଚାସୀନ ଅତିଥି ମତବ୍ୟକ୍ତ କରିଥିଲେ । ନୂତନ ଜ୍ଞାନକୌଶଳ ସହ ପୁରୁଣା ଖାଦ୍ୟକୁ ଲୋକାଭିମୁଖୀ କରାଇବା ସହ କେମିକାଲ ସାର ବଦଳରେ ଜୈବିକ ସାର ପ୍ରୟୋଗ ପାଇଁ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ସମସ୍ତଙ୍କୁ ଷ୍ଟଲ ପରିଭ୍ରମଣ କରିବା ସହ ଅଧିକରୁ ଅଧିକ ମାଣ୍ଡିଆ ବ୍ୟବହାର ପାଇଁ କହିଥିଲେ । ଏହି ମେଳାରେ ବିଭିନ୍ନ ଚାଷୀ, ଛାତ୍ର ଛାତ୍ରୀ, ସାଧାରଣ ଲୋକ, ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ମେଳାରେ ୧୫ଟି ଷ୍ଟଲ୍ରେ ବିଭିନ୍ନ ଜନଜାତୀୟ ଦ୍ରବ୍ୟ, ମିଲେଟ ଯୁକ୍ତ ଖାଦ୍ୟର ପ୍ରଦର୍ଶନୀ କରାଯାଇଥିଲା ।

# ପ୍ରକଳ୍ପ ଥାଇ ବି ମିଳୁନି ପାଇପ ପାଣି

ଚମ୍ପୁଆ :ଗାଁ ମୁଣ୍ଡରେ ନିର୍ମାଣ ହୋଇଛି ପାଇପ ପାଣି ପ୍ରକଳ୍ପ । ଘରେ ଘରେ ବସିଛି ଷ୍ଟାଣ୍ଡ ପୋଷ୍ଟ ମାତ୍ର ଗାଁ କୁ ମିଳୁନି ପାଇପ ପାଣି । ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଂଚାୟତର କଂସରା( କ) ଗ୍ରାମରେ ପାଇପ ପାଣି ଯୋଗାଣରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ଦେଖା ଦେଇଛି । ଗ୍ରାମର ମହିଳା ମାନେ ହାଣ୍ଡି ମାଠିଆ ଧରି ପ୍ରତିବାଦ କରିଥିବା ବେଳେ ଗ୍ରାମରେ ପୁଞ୍ଜିଭୂତ ଅସନ୍ତୋଷ ଆଗକୁ ତୀବ୍ର ରୂପ ଧାରଣ କରିବା ସ୍ପଷ୍ଟ ହୋଇ ସାରିଛି । ଗ୍ରାମ ବିକାଶ ଯୋଜନାରେ ପନ୍ଦର ବର୍ଷ ତଳେ ଗ୍ରାମକୁ ପାଇପ ଯୋଗେ ପାଣି ଯୋଗାଣ ପାଇଁ ପ୍ରକଳ୍ପ ନିର୍ମାଣ କରାଯାଇଛି । ପାଣି ଯୋଗାଣ ପାଇଁ ପାଇପ ବିଛା ସହିତ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ନିର୍ମାଣ କରା ଯାଇଛି । ନିର୍ମାଣର କିଛି ବର୍ଷ ପାଣି ଯୋଗାଇ ଦିଆ ଯାଇଥିବା ବେଳେ ଏବେ ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଏପରିକି ବସୁଧା ଯୋଜନାରେ ଚମ୍ପୁଆ ବ୍ଲକ ମିରିଗିସିଙ୍ଗା ଠାରେ ନିର୍ମିତ ପାନୀୟ ଜଳ ଯୋଗାଣ ମେଗା ପ୍ରକଳ୍ପ ର ପାଣି ଘରକୁ ଘର ପହଂଚିବା ପାଇଁ ମଧ୍ୟ ପ୍ରତି ଘରକୁ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଛି ମାତ୍ର ପାଣି ପାଇବାରୁ ବଂଚିତ ରହିଛନ୍ତି ଗ୍ରାମବାସୀ । ଏନେଇ ଚମ୍ପୁଆ ଗ୍ରାମ୍ୟ ଜଳଯୋଗାଣ ବିଭାଗକୁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଆଜି ଗ୍ରାମରେ ହାଣ୍ଡି ମାଠିଆ ଧରି ମହିଳା ମାନେ ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି ।

# ବକଟି ସ୍କୁଲରୁ ପ୍ରିୟଙ୍କା ଓ ରୁକୁଣି ରାଜ୍ୟସ୍ତରୀୟ ବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଉନ୍ନୀତ

ବଲାଙ୍ଗୀର : ସୂଚନା ମୁତାବକ ଲୋଇସିଂହା ଷ୍ଟାଡିୟମ ଠାରେ ଅକ୍ଟୋବର ୨୧ରୁ ୨୩ ତାରିଖ ତିନିଦିନ ଧରି ଅନୁଷ୍ଠିତ ହୋଇ ଥିବା ବଲାଙ୍ଗୀର ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୁହ ଦୌଡ଼କୁଦ ପ୍ରତିଯୋଗିତାରେ ଆଗଲପୁର ବ୍ଲକ ଅନ୍ତର୍ଗତ ଉଷା ଦେବୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ପ୍ରିୟଙ୍କା ଦ୍ୱାରୀ ଚଉଦ ବର୍ଷ ବାଳିକା ବର୍ଗ ଦୁଇଶହ ମିଟର ଦୌଡ଼ ଏବଂ ବି.ଏମ୍. ଉଚ୍ଚ ବିଦ୍ୟାଳୟ ବକଟିର ନବମ ଶ୍ରେଣୀର ଛାତ୍ରୀ ରୁକୁଣି ମଟାରି ଚଉଦ ବର୍ଷ ବାଳିକା ବର୍ଗ ଲମ୍ବଡିଆଁ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବଲାଙ୍ଗୀର ଜିଲ୍ଲା ତରଫରୁ ରାଜ୍ୟସ୍ତରୀୟ ବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ବାରିକ, ସହକାରୀ ଶିକ୍ଷକ ଉତମ ଦ୍ୱାରି, ଚିନ୍ମୟ ପୁରୋହିତ, ଗୋପବନ୍ଧୁ ପଟେଲ, ଶିକ୍ଷୟିତ୍ରୀ ସନ୍ତୋଷୀନି ଦଣ୍ଡାଶେନା, କଳା ଶିକ୍ଷକ ସରୋଜ ବିଶ୍ୱାଳ ତଥା ସିଆର୍ସିସି ବାବୁଲାଲ ସାହୁ ଉଭୟ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବିଦ୍ୟାଳୟ ପି.ଇ.ଆଇ. ତଥା କୋଚ୍ ରୁଷଭ ପ୍ରଧାନଙ୍କ ତତ୍ତ୍ୱାବଧାନ ରେ ଉଭୟେ ଅଭ୍ୟାସ ଜାରି ରଖିଥିବାବେଳେ ଆଗକୁ ଉତମ ଖେଳ ପ୍ରଦର୍ଶନ କରିବେ ବୋଲି କୋଚ୍ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

# ତରଭା ବ୍ଲକସ୍ତରୀୟ ସୁରଭି ଓ କଳା ଉତ୍ସବ : ନାଟ୍ୟ ଭୂଷଣ, ଅଭିନେତା ଜଗଦା ନନ୍ଦ ଚୁରିଆ ସମ୍ବର୍ଦ୍ଧିତ

ସୁବର୍ଣ୍ଣପୁର : ତରଭା ବ୍ଲକ ତରଭା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉର୍ତ୍ସବ ତରଭା ବିଇଓ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଇଓ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ନାଟ୍ୟଭୂଷଣ, ଅଭିନେତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜଗଦାନନ୍ଦ ଛୁରିଆ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରଭି ଛାତ୍ର ଛାତ୍ରୀଙ୍କ ଲୁକାୟିତ ପ୍ରତିଭାର ବିକାଶ ମୂଳ ଲକ୍ଷ୍ୟ ହେଉ ଓ ପ୍ରତିଭା ନେଇ ନିଜ ଜନ୍ମମାଟି, ଓଡିଶା ତଥା ଭାରତ ବର୍ଷରେ ସମ୍ମାନ ରହୁ ବୋଲି ଛାତ୍ର, ଛାତ୍ରୀ ଙ୍କ ଉଦେଶ୍ୟରେ ଉଦବୋଧନ ଦେଇଥିଲେ ଓ ତରଭା ବ୍ଲକ ଜିପିଓ ବିଜୟ ନାଏକ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ମହାପାତ୍ର, ଏବିଇଓ କୃଷ୍ଣଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟ କାରି ହେବାକୁ ଥିବା ବାଳ ଉତ୍ସବ ରେ ଛାତ୍ର ଛାତ୍ରୀ ଭାଗ ନେଇ ନିଜ ପ୍ରତିଭା ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ । ଶିକ୍ଷକ ସଞ୍ଜିବ ସେଠୀଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରିଥିଲେ । କମସରା ହାଇସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରା ଯାଇଥିଲା । ଅତିଥି ମାନେ ଶିଶୁ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀ ଓ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ସୁରଭି ଏକ ଉପଯୁକ୍ତ ମାଧ୍ୟମ, ଶିଶୁ ମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ । ଏହି ଅବସରରେ ଅତିଥି ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା । ଶିକ୍ଷକ ନୀଳକଣ୍ଠ ବଗର୍ତି ମଂଚ ପରିଚାଳନା କରିଥିବାବେଳେ ରାଧେଶ୍ୟାମ କୁଆଁର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସର ରେ ବିଦ୍ୟାଳୟ ଗୁଡ଼ିକର ଛାତ୍ର ଛାତ୍ରୀମାନଙ୍କୁ ନେଇ ୨୯ ଗୋଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ବିଇଓ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭା ରେ ମୁଖ୍ୟ ଅତିଥି ବ୍ଲକ ଅଧକ୍ଷ ସରୋଜ କମ୍ପ, ସମ୍ମାନିତ ଅତିଥି ଏନଏସି ଅଧକ୍ଷା ବନ୍ଦିତା ନାଏକ, ଉପ ନଗରପାଳ ଗଗନ ଅଗ୍ରୱାଲ, ଏବିଇ ଓ ଶ୍ରୀ ମହାପାତ୍ର, ଓ ଶ୍ରୀ ପଣ୍ଡା ପ୍ରମୁଖ ମଂଚାସିନ ଥିଲେ । ଉଦଯାପନୀ ଉର୍ତ୍ସବରେ ସି ଆରସିସି ରୋହିତ କୁଆଁର ଓ ତରଣୀ ସେନ ନାଗ ମଂଚ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ - ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ସିଣ୍ଡୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଓ କଟାପାଲି ଉନ୍ନିତ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାରୀ ଥିଲେ ଓ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ କ୍ଷ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୨୯ ଗୋଟି ପ୍ରତିଯୋଗିତାର ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲିସୂଚନା ଦିଆଯାଇଥଲା । ସଂଜୀବ ସା, ସୁରେଶ ପାଣ୍ଡେ, ପ୍ରଦ୍ୟୁମ୍ନ ମହାନ୍ତି, ସାରଙ୍ଗ ପ୍ରଧାନ, ପ୍ରକାଶ ଦଳବେହେରା, ଭରତ ମଲ୍ଲିକ, ଧୁବଲ ପ୍ରଧାନଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ତରଭାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀ ସଂଗଠନ ପକ୍ଷରୁ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀଙ୍କୁ ସଂଗଠନ ପକ୍ଷରୁ ଟ୍ରଫି ପ୍ରଦାନ କରିଥିଲେ । ରାତ୍ରିଆଠଟା ପ୍ରାୟନ୍ତ ଛାତ୍ରଛତ୍ରୀଙ୍କ ମନ ଲୋଭ ସାଂକୃତିକ କାର୍ଯ୍ୟକ୍ରମ ମନମୁଗ୍ଧ କରିଥିଲା ।

# ବ୍ରାହ୍ମଣୀପାଳରେ ଟାଟା ଷ୍ଟିଲ ଫାଉଣ୍ଡେସନର ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ କୌଶଲ୍ୟାନ ସମ୍ପାଦିତ, ଉପକୃତ ହେଲେ ୧୪୩ ଜଣ ଛାତ୍ରଛାତ୍ରୀ

ହରିଚନ୍ଦନପୁର : ଟାଟା ଷ୍ଟିଲ ଫାଉଣ୍ଡେସନ ଏଚ୍ପି ଏବଂ ସୋସାଇଟି ଫର୍ ଅଲ ରାଉଣ୍ଡ ଡେଭଲପମେଂଟ(ଏସ୍ଏଆର୍ଡି)ର ମିଳିତ ଉଦ୍ୟମରେ ବ୍ରାହ୍ମଣୀପାଳର ଟମକା ସ୍ଥିତ ସରକାରୀ ହାଇସ୍କୁଲର ୧୪୩ ଜଣ ଛାତ୍ରଛାତ୍ରୀ 'କୌଶଲ୍ୟାନ ପ୍ରୋଜେକ୍ଟ' ଅଧୀନରେ ତିନି ମାସର ଡିଜିଟାଲ ଦକ୍ଷତା ପାଠ୍ୟକ୍ରମ ଶେଷ କରିଛନ୍ତି । ଗ୍ରାମୀଣ ଏବଂ ଆଦିବାସୀ ସମ୍ପ୍ରଦାୟର ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାବଶ୍ୟକ କମ୍ପ୍ୟୁଟର ଦକ୍ଷତା ସହିତ ସଶକ୍ତ କରିବା, ସେମାନଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଏହି ପଦକ୍ଷେପର ଲକ୍ଷ୍ୟ । ଏହି ଅବସରରେ ଟାଟା ଷ୍ଟିଲର ଫେରୋ ଆଲୋଇ ପ୍ଲାଂଟ(ବ୍ରାହ୍ମଣୀପାଳ)ର ମୁଖ୍ୟ ଆଦର୍ଶ ଅଗ୍ରୱାଲ, ଦେଉଳକଣ ଗ୍ରାମ ପଂଚାୟତର ସରପଂଚ ବିଜୟ କୁମାର ଜେନା, କିଆଝର ଗ୍ରାମ ପଂଚାୟତର ସରପଂଚ ରାଜଲକ୍ଷ୍ମୀ ମହାପାତ୍ର, ସମାଜସେବୀ ନରୋତମ ବେହେରା, ଟିଏସ୍ଏଫ୍ ଓ ଏସ୍ଏଆର୍ଡି ଫିଲ୍ଡ ଟିମ୍ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ପାଠ୍ୟକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିବାବେଳେ ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ 'ପାଠ୍ୟକ୍ରମ ସମାପନ ପ୍ରମାଣପତ୍ର' ପ୍ରଦାନ କରାଯାଇଥିଲା । ବିସ୍ତୃତ ତିନି ମାସର ପ୍ରଶିକ୍ଷଣରେ ଏମ୍ଏସ୍ ଅଫିସ(ଏକ୍ସେଲ୍, ୱାର୍ଡ୍, ପାଓ୍ୱାରପଏଂଟ), ଇଂଟରନେଟ୍ ନେଭିଗେସନ୍ ଏବଂ ୟୁଟ୍ୟୁବ୍, ଜିମେଲ୍, ଷ୍ଟଡି ଆପ୍ଲିକେସନ ଏବଂ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଭଳି ଲୋକପ୍ରିୟ ଆପ୍ଲିକେସନ୍ରେ ମୌଳିକ କମ୍ପ୍ୟୁଟର ଧାରଣା ପ୍ରଦାନ କରାଯାଇଥିଲା । ଶିକ୍ଷାଗତ ପାଠ୍ୟକ୍ରମ ସହିତ, ଛାତ୍ରଛାତ୍ରୀ ମାନେ ନୂତନ ଯୁଗର ଟେକ୍ନୋଲୋଜି ବିଷୟରେ ଅଭିଜ୍ଞତା ହାସଲ କରିଥିଲେ, ଯାହା ସେମାନଙ୍କ ପାଇଁ ବର୍ତ୍ତମାନର ଡିଜିଟାଲ୍ ଦୁନିଆରେ ଉଭୟ ଶୈକ୍ଷିକ ଏବଂ ବ୍ୟକ୍ତିଗତ ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବ । 'କୌଶଲ୍ୟାନ ପ୍ରୋଜେକ୍ଟ' ଅଧୀନରେ ଭ୍ରାମ୍ୟମାଣ କମ୍ପ୍ୟୁଟର ଲ୍ୟାବ୍ ବିଦ୍ୟାଳୟ ଓ ଗ୍ରାମ ପଂଚାୟତରେ ପହଂଚି ବିଶେଷ କରି ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ଜୀବନ ଓ ଜୀବିକା ପାଇଁ ଆବଶ୍ୟକ ଡିଜିଟାଲ୍ ଦକ୍ଷତା ପ୍ରଦାନ କରିବା ନେଇ ସୁନିଶ୍ଚିତ କରୁଛି । ଏହି କାର୍ଯ୍ୟକ୍ରମ କେବଳ ଡିଜିଟାଲ ପ୍ରଶିକ୍ଷଣ ଭିତିଭୂମିକୁ ସୁଦୃଢ଼ କରେ ନାହିଁ ବରଂ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ଉତ୍ସାହ ବୃଦ୍ଧି ସହିତ ଦୀର୍ଘକାଳୀନ ଶିକ୍ଷାଗତ ଯୋଗାଯୋଗକୁ ମଧ୍ୟ ସୁନିଶ୍ଚିତ କରେ, ଯାହା ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ହ୍ରାସ କରିବାରେ ସାହାଯ୍ୟ କରୁଛି । ଏଥିସହିତ ଭ୍ରାମ୍ୟମାଣ କମ୍ପ୍ୟୁଟର ଲ୍ୟାବ୍ ଓ କ୍ଲାସରୁମ୍ ଅନ୍ ହ୍ୱିଲ୍ ଦୁର୍ଗମ ଗ୍ରାମୀଣ ଓ ଆଦିବାସୀ ଅଂଚଳର ଯୁବପିଢ଼ିଙ୍କ ପାଇଁ ଡିଜିଟାଲ ସାକ୍ଷରତା ଉପଲବ୍ଧ କରାଇବା ପାଇଁ ଲକ୍ଷ୍ୟ ରଖିଛି ।

# ପୂର୍ବାଂଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡ଼ମିଂଟନ ପ୍ରତିଯୋଗିତା ଉଦ୍ଯାପିତ

ସମ୍ବଲପୁର : ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭରସିଟି ଆନୁକୂଲ୍ୟରେ ବୁର୍ଲା ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ ତିନିଦିନ ବ୍ୟାପି ଆୟୋଜିତ ପୂର୍ବାଂଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡ଼ମିଂଟନ ପ୍ରତିଯୋଗିତା ଉଦଯାପିତ ହୋଇ ଯାଇଛି । ଦେଶର ଉତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ଝାରଖଣ୍ଡ, ପଶ୍ଚିମ ବଙ୍ଗ, ଛତିଶଗଡ, ଓଡିଶା ତଥା ଉତର ପୂର୍ବାଂଚଳ ରାଜ୍ୟରୁ ସର୍ବମୋଟ ୩୬ ଟି ବିଶ୍ୱବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଚାରୋଟି ଦଳ ରାଜସ୍ଥାନର ଝୁନ୍ଝୁନା ସ୍ଥିତ ଜଗଦୀଶ ପ୍ରସାଦ ଝାବରମଲ ଟିବ୍ରେୱାଲ ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଅନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ଼ମିଂଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏଠାରେ ଅନୁଷ୍ଠିତ ପୂର୍ବାଂଚଳ ସ୍ତରୀୟ ପ୍ରତିଯୋଗିତାରେ ଭୁବନେଶ୍ୱର ସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ପଶ୍ଚିମବଙ୍ଗର ଅଡ଼ମସ୍ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ୟୁନିଭରସିଟି ଅଫ୍ କୋଲକାତା ତୃତୀୟ ଓ ଉତର ପ୍ରଦେଶର ଭି.ବି.ଏସ୍ ପୂର୍ବାଂଚଳ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନରେ ରହିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ପୋର୍ଟ୍ସ କାଉନସିଲର ସଚିବ ପ୍ରଫେସର ଦେବେନ୍ଦ୍ର ମହାଲିକଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ଉତ୍ସବରେ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି, କୁଳ ସଚିବ ଡ଼. ନୃପରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶ୍ରେଷ୍ଠ ବିବେଚିତ ଚାରୋଟି ବିଶ୍ୱବିଦ୍ୟାଳୟକୁ ସମ୍ମାନିତ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ର କ୍ରୀଡା ଅଧିକାରୀ ଡ଼. ଅବିନାଶ କରଙ୍କର ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ବ୍ୟାଡ଼ମିଂଟନ ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ଓଡିଶା ରାଜ୍ୟ ବ୍ୟାଡ଼ମିଂଟନ ଆସୋସିଏସନ ର ମ୍ୟାଚ ରେଫରୀ ଅସିତ ପଟ୍ଟନାୟକ, ଅମ୍ପାୟାର ଟିକେଶ୍ୱର ସାହୁ, ପ୍ରମିତ ମହାନ୍ତି, ବବୁଲୁ ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ହେମନନ୍ଦ ଥାପ୍ପା, ନୀଳାଂଚଳ ସେଠି, ସତ୍ୟ ଦାସ ଓ ମଣି ବେଜି ପ୍ରମୁଖ ମ୍ୟାଚ ଗୁଡିକୁ ପରିଚାଳନା କରିଥିଲେ । କୁଲୁଣ୍ଡି ସ୍ଥିତ ଶାରୀରିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ପ୍ରବୀଣ ସାହୁ ତଥା ଛାତ୍ର ଛାତ୍ରୀ ମାନେ ପ୍ରତିଯୋଗିତାର ପରିଚାଳନାରେ ସହଯୋଗ କରିଥିଲେ । ଏହି ମହିଳା ବ୍ୟାଡ଼ମିଂଟନ ପ୍ରତିଯୋଗିତାରେ ତସନିମ ମୀର, ଅରିତ୍ରୀ ସାହା, ଶୁଭାଙ୍ଗୀ ସିହ୍ନକ୍ଷ, ଗୌରୀ କ୍ରିଷ୍ଣା ଟି. ଆର., ହର୍ଷିତା ରାଉତ, ସୃତି ସ୍ୱାଇଁଙ୍କ ସମେତ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ମହିଳା ବ୍ୟାଡ଼ମିଂଟନ ଖେଳାଳି ନିଜ ନିଜର ବିଶ୍ୱବିଦ୍ୟାଳୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ।

# ଜୟପୁର କ୍ରିକେଟ ଲିଗର ଫାଇନାଲ ମ୍ୟାଚ

ଜୟପୁର: ଜୟପୁର କ୍ରିକେଟ ଲିଗର ଫାଇନାଲ ମ୍ୟାଚ ଆଜି ଦଶହରା ପଡିଆ ଠାରେ ଅନୁଷ୍ଠିତ ହୋଇଛି । ଜୟପୁର ଷ୍ଟାର ଟୁ ସହ ନୁଆପଡା ମଧ ରେ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଜୟପୁର ଷ୍ଟାର ଟୁ ବ୍ୟାଟି କରି ନିର୍ଦ୍ଧାରିତ ୧୫ ଓଭରରେ ୧୮୮ ରନର ଲକ୍ଷ୍ୟ ରଖିଥିଲା । ପରେ ନୁଆପଡା ଦଳ ୧୮୩ ରନ ସଂଗ୍ରହ କରିଥିବା ବେଳେ ୫ ରନରେ ପରାସ୍ତ ହୋଇଥିଲେ । ଇଭିନିଙ୍ଗ କ୍ଲବ ଦ୍ୱାରା ଆୟୋଜିତ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହନିପତି, କ୍ରେକଟ ପ୍ରେମି ସୁବାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ବିଜୟ ଓ ଉପ ବିଜୟ ଦଳ କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରି ଥିଲେ ।

# ବିଲେଇସର୍ଡା ହାଇସ୍କୁଲରେ ପ୍ରାଚୀର ଚିତ୍ର ଅନାବରଣ

## ସୃଜନ ଅଭିବ୍ୟକ୍ତିର ଅନ୍ୟତମ କୌଶଳ ଚିତ୍ର

ବଲାଙ୍ଗୀର : ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା । ଜବାହାରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସ୍ୱାଧିନ ସାହୁଙ୍କ ଅଧକ୍ଷତାରେ ପ୍ରାଚୀର ଚିତ୍ର ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଲୁମିନି ସଭାପତି ଅନନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରାଚୀର ଚିତ୍ରକୁ ଅନାବରଣ କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ନିଜ ବକ୍ତବ୍ୟରେ ସୃଜନ ଅଭିବ୍ୟକ୍ତି ର ଅନ୍ୟତମ କୌଶଳ ଚିତ୍ର ବୋଲି କହିବା ସହ ଏକାଗ୍ରତା, ଶିକ୍ଷା ପ୍ରତି ଅଭିରୁଚି ବଢାଇବାରେ ଏହା ସାହାଯ୍ୟ କରିଥାଏ ବୋଲି କହିଥିଲେ । ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ, ପଙ୍କଜ ମେହେର ଓ ଶିକ୍ଷୟତ୍ରୀ ପ୍ରତିଶା ମିଶ୍ର ଚିତ୍ରାଙ୍କନ କୁ ନେଇ ସ୍ୱଅନୁଭୁତି ପ୍ରକାଶ କରିବା ସହ ଛାତ୍ର ଛାତ୍ରୀମାନଙ୍କୁ ଚିତ୍ର ଅଙ୍କନର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ । ଶିକ୍ଷକ କାହ୍ନୁ ଚରଣ ସାହୁ, ପ୍ରଦୀପ ଦଣ୍ଡସେନା, ସଂଜିବ ମିଶ୍ର, ସୁଜିତ ଦେହୁରି, ମୁରାରି ମୋହନ ପର୍ଡିଆ, ଶିକ୍ଷୟତ୍ରୀ ସୁବାସିନୀ ସେଠୀ, ନିରୋତମା ବିଶ୍ୱାଳ, ସୁମିତ୍ର ସୁତାର, ସୁଷମା ମେହେର ପ୍ରମୁଖ ପିଲାମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ସହିତ ଚିତ୍ର ଆଙ୍କିବା ଦିଗରେ ଉଦବୋଧନ ଦେଇଥିଲେ । ଏହି ପ୍ରାଚୀର ଚିତ୍ର ରେ ଗୁଣାତ୍ମକ ଶିକ୍ଷା, ପିଏମ୍ ପୋଷଣ, ପ୍ଲାଷ୍ଟିକ ବର୍ଜନ, ଧୂମ୍ରପାନ ନିଷେଧ, ସ୍ୱଚ୍ଛ ଭାରତ, ପରିବହନ ନିୟମ ସଚେତନତା, ପରିବେଶ ସଚେତନତା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିତ୍ର ସ୍ଥାନ ପାଇଛି । କାର୍ଯ୍ୟକ୍ରମ ର ସଂଯୋଜନା ରଂଜିତ ମିଶ୍ର କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ପଧାନ ।

# ‘ସଙ୍ଗୀତଧାରା’ ଭକ୍ତିସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ



ନୟାଗଡ଼: ‘ସଙ୍ଗୀତଧାରା’ ନୟାଗଡ଼ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରଥମ ପର୍ଯ୍ୟାୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତା ଏନଏସି ହାଇସ୍କୁଲ, ନୟାଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦାନ କରି ଭକ୍ତି ସଙ୍ଗୀତ ପ୍ରତିଯୋଗିତାକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ ଉପସ୍ଥିତ ଥିଲେ । ଏହି ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରେ ନୟାଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସଂଗୀତାନୁଷ୍ଠାନ ମାନଙ୍କରୁ ୧୪ ରୁ ୨୪ବର୍ଷ ବୟସର ୩୭ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ସତ୍ୟନାରାୟଣ ମହାପାତ୍ର, ରବୀନ୍ଦ୍ର କୁମାର ତ୍ରିପାଠୀ ଏବଂ ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରି ଶ୍ରେଷ୍ଠ ୧୬ ଜଣ କଣ୍ଠଶିଳ୍ପୀଙ୍କୁ ସେମି ଫାଇନାଲ ପର୍ଯ୍ୟାୟ ପାଇଁ ଚୟନ କରିଥିଲେ । ସଙ୍ଗୀତ ଧାରାର ସଭାପତି ଡ.ବିଜୟ କୁମାର ଚୌଧୁରୀ ଏବଂ ସମ୍ପାଦକ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ସଂଯୋଜକ ଲକ୍ଷ୍ମୀଧର ସାହୁଙ୍କ ସମେତ ସଙ୍ଗୀତଧାରା ସଦସ୍ୟ ଡ. ଆଶୁତୋଷ ମିଶ୍ର, ପ୍ରଭାତ ମିଶ୍ର,ପ୍ରଦୀପ୍ତ କୁମାର ରଥ, ଲକ୍ଷ୍ମୀଧର ମହାପାତ୍ର, ଜୟଶ୍ରୀ ଦେବୀ, ଗୋପୀନାଥ ସେଠି, ଅଶୋକ ମଲ୍ଲ, ବିଜୟାନନ୍ଦ ମହାପାତ୍ର, ମାଧବ ଡାକୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସୂଚନା ଯୋଗ୍ୟଯେ ଜିଲ୍ଲାର ସମସ୍ତ ୮ଟି ବ୍ଲକରେ କଣ୍ଠଶିଳ୍ପୀ ମାନଙ୍କର ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତା କରାଯିବ । ଏଥିରୁ ମନୋନୀତ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ‘ନୟାଗଡ଼ ସଙ୍ଗୀତ କଲ୍ଲୋଳ’ ଉପାଧି ସହିତ ନଗଦ ୧୧ ହଜାର ଟଙ୍କା ପୁରସ୍କାର ଅର୍ଥରାଶି ଏବଂ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ କ୍ରମାନ୍ୱୟେ ୫ ହଜାର ଏବଂ ୩ ହଜାର ଅର୍ଥରାଶି ପୁରସ୍କାର ପ୍ରଦାନ ସକାଶେ ସ୍ଥିର କରାଯାଇଥିବା ବେଳେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯିବ ।

# ଝାଉଁଜଙ୍ଗଲ ହରିଲୁଟ ଚାଲିଛି- ବନବିଭାଗ ଚୁପ କଣ ପାଇଁ

ବାହାନଗା(ନିପ୍ର): ବାତ୍ୟା ‘ଦାନା’ ତାଳପଦାର- ବାଉଁଶ ଆଡ଼ିଆ ପର୍ଯ୍ୟନ୍ତ ସମୁଦ୍ର ଉପକୂଳରେ ଥିବା ୫/୭ କି.ମି. ଝାଉଁ ଜଙ୍ଗଲ ଧ୍ୱଂସ ସ୍ତୂପ ପାଲଟିଛି । ସମୁଦ୍ର କୂଳରେ କେତେ ଝାଉଁଗଛ ଗଡ଼ିଛି ତାହାର ସଠିକ ହିସାବ ସ୍ଥାନୀୟ ବନ ବିଭାଗ ପାଖରେ ନାହିଁ । ବାତ୍ୟା ଦାନାର ପ୍ରକୋପରେ ସମୁଦ୍ର କୂଳରେ ବିଶାଳ ଝାଉଁ ଜଙ୍ଗଲ ଧ୍ୱଂସ ବିଧ୍ୱଂସ ହୋଇ ଯାଇଛି । ତାଳପଦା ଅଂଚଳରେ ଥିବା ଝାଉଁ ଜଙ୍ଗଲ ବାତ୍ୟା ପରେ ବନରକ୍ଷୀ ମିନତି ମାଝୀ କହିବାନୁସାରେ ତାଳପଦା ସମୁଦ୍ରକୂଳରେ ୧୫/୨୦ଟି ଗଛ ଗଡ଼ିଥିଲା ତାହାକୁ ଗ୍ରାମବାସୀ କାଟି ନେଇ ଯାଇଛନ୍ତି । ଅନ୍ୟପଟରେ ଭିଲ୍ଲା ଆଡ଼ିଆରେ ୧୫/୨୦ଟି ଝାଉଁ ଗଛ ନଷ୍ଟ ହୋଇଥିବା ବେଳେ ଅଟାସପୁରରେ ମଧ୍ୟ କିଛି ଗଛ ଗଡିଥିବାବେଳେ ରୂପଖଣ୍ଡରେ ୨୦/୩୦ ଟି ଗଛ ଗଡ଼ିଥିବାର ବନରକ୍ଷୀ ମିନତି ମାଝୀ କୁହନ୍ତି । ସେହିଝାଉଁ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା କମିଟି କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଥିବାର କହି ବନରକ୍ଷୀ ସହଜରେ ଘଟଣାରୁ ଏଡ଼ାଇ ଯାଇଛନ୍ତି । ଅନ୍ୟ ପଟରେ ତାଳପଦା, ଭିଲ୍ଲା ଆଡ଼ିଆ ଅଂଚଳରେ ଅନଏକ ଗଛକୁ ସ୍ଥାନୀୟ ବନରକ୍ଷୀ ୧୦୦/୫୦୦/୭୦୦ ଟଙ୍କାରେ ନିଲାମ ଦେଇଥିବାରୁ ଆମେ ସେହି ଗଛକୁ କାଟି କାଠ ନେଉଛୁ ବୋଲି କହିଛନ୍ତି । ବିଶାଳ ଝାଉଁ ଜଙ୍ଗଲରେ ସହସ୍ରାଧିକ ଝାଉଁଗଛ ବାତ୍ୟା ଦାନାରେ ଧରାଶାୟୀ ହୋଇଥିବା ବେଳେ ବନବିଭାଗର ଦାୟିତ୍ୱରତ ବନପାଳ ଦେବରାଜ ରାଉତ ଓ ବନରକ୍ଷୀ ମିନତି ମାଝୀ ସଠିକ ଭାବେ କହିପାରୁନାହାନ୍ତି । ସ୍ଥାନୀୟ କମିଟି ଓ ବନବିଭାଗର କର୍ମଚାରୀଙ୍କ ସଲାସୁତୁରାରେ ଝାଉଁ ଜଙ୍ଗଲ ଲୁଟ ଚାଲିଛି । ଲୋକେ କହିବାନୁସାରେ ବନରକ୍ଷୀ ଆମକୁ କିଛି ଟଙ୍କାରେ ଝାଉଁ କାଠ ନିଲାମ ଦେଇଛନ୍ତି । ନିୟମ ଅନୁସାରେ ଜଙ୍ଗଲର ଝାଉଁ କାଠ ନିଗମକୁ ନିଆଯାଇ ତାହା ନିଲାମ ହେବା ପରେ ସେହି କାଠକୁ ଯିଏ ନିଲାମ ଧରିଲା ସେ ହିଁ ନେବା କଥା । ତେବେ ଝାଉଁ ଜଙ୍ଗଲରୁ କାଠ ଲୁଟପାଟ ହେଉଥିବା ବେଳେ ବନରକ୍ଷୀ ମିନତି ମାଝୀ କୁହନ୍ତି ସ୍ଥାନୀୟ କମିଟି ଗଡ଼ିପଡ଼ିଥିବା ଝାଉଁ ଗଛର ପରିମାଣ କହିଲେ ଆମେ ସୂଚନା ଦେବୁ । ସରକାରୀ ଦରମା ନେଇ ଝାଉଁ କାଠ ଚୋରାଚାଲାଣରେ ବନରକ୍ଷୀ ଓ ବନବିଭାଗର କର୍ମଚାରୀଙ୍କର ହାତ ଅଛିକି ତାହା ତଦନ୍ତ ସାପେକ୍ଷ । ଏ ନେଇ ଡିଏଫଓ ଖୁସବନ୍ତ ସିଂଙ୍କୁ ପଚାରିବାରୁ ସେ କୁହନ୍ତି ଝାଉଁ ଜଙ୍ଗଲର ସୁରକ୍ଷା ବନବିଭାଗର । ଜଙ୍ଗଲରୁ କାଠ ବାହାରକୁ ଯାଇଥିଲେ ନିଶ୍ଚୟ ପଦକ୍ଷେପ ନିଆଯିବ ବୋଲି ଡିଏଫଓ ଖୁସବନ୍ତ ସିଂ ସୂଚନା ଦେଇଛନ୍ତି ।

# ବିଶ୍ୱହିନ୍ଦୁ ପରିଷଦର ନୂତନ କାର୍ଯ୍ୟକର୍ତା ଘୋଷଣା




ବାଲେଶ୍ୱର: ବିଶ୍ୱହିନ୍ଦୁ ପରିଷଦ ବାଲେଶ୍ୱର ଜିଲ୍ଲାର ନୂତନ କାର୍ଯ୍ୟକାରିଣୀ ବୈଠକ ବାଲିଆ ଶିଶୁ ମନ୍ଦିର ସଭାଗୃହରେ ଅଦ୍ୟ ତା୨୭.୧୦.୨୪ରିଖ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ସଭାପତି ମାନନୀୟ ଜ୍ଞାନରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଓଡ଼ିଶା ପ୍ରାନ୍ତର ଉପସଭାପତି ମା. ଭଗବାନ ଦାସ ଖଣ୍ଡେଲୱାଲ, ପ୍ରାନ୍ତ ଧର୍ମ ପ୍ରସାର ସଂଯୋଜକ ମା. ବଳଭଦ୍ର ଶତପଥୀ, ପ୍ରାନ୍ତ ମାତୃଶକ୍ତି ସଂଯୋଜିତା ମାନନୀୟା ସସ୍ମିତା ସାହୁ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ହିନ୍ଦୁ ମାନଙ୍କ ସୁରକ୍ଷା ଓ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ସାରା ବିଶ୍ୱରେ ବିଶ୍ୱହିନ୍ଦୁ ପରିଷଦରେ ଗ୍ରହଣ କରୁଥିବା ପଦକ୍ଷେପ ସମ୍ବନ୍ଧରେ ଆଲୋକ ପାତ କରିଥିଲେ । ସମ୍ପ୍ରତି ନିକଟରେ ବଙ୍ଗଳାଦେଶରେ ହିନ୍ଦୁମାନଙ୍କ ପ୍ରତି ହୋଇଥିବା ବର୍ବର ଆଚରଣକୁ ନିନ୍ଦା କରିବା ସହ ସମସ୍ତ ହିନ୍ଦୁ ସମାଜ ଜାଗ୍ରତ ହୋଇ ପ୍ରତିବାଦ କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା କାର୍ଯ୍ୟକାରିଣୀର ଅବଧି ଶେଷ ହୋଇଥିବାରୁ ପ୍ରାପ୍ତ ଅନୁମୋଦିତ ନୂତନ ଜିଲ୍ଲା କାର୍ଯ୍ୟକର୍ତା ଘୋଷଣା କରାଯାଇ ଥିଲା । ସଭାପତି ଜ୍ଞାନରଞ୍ଜନ ଦାଶ, ସମ୍ପାଦକ ରଶ୍ମୀରଞ୍ଜନ ଦାସ, ଉପସଭାପତି ସନ୍ତୋଷ କୁମାର ନାୟକ, କସ୍ତୁରୀ ସରକାର, ସହସମ୍ପାଦକ ବରେନ୍ଦ୍ର ନାୟକ, କାଶୀନାଥ ଲେଙ୍କା, କୋଷାଧ୍ୟକ୍ଷ ରାକେଶ ସିଂ, ସତ୍‌ସଙ୍ଗ ପ୍ରମୁଖ ଗୌରହରି ମହାନ୍ତି, ବିଶେଷ ସମ୍ପର୍କ ଶ୍ୟାମସୁନ୍ଦର ମିଶ୍ର, ବଜରଙ୍ଗ ଦଳ ସଂଯୋଜିକା ମହେଶ ଦାସ, ଦୁର୍ଗାବାହିନୀ ସଂଯୋଜିକା ସୁସନ୍ଧ୍ୟା ସ୍ୱାଇଁ, ମାତୃଶକ୍ତି ପ୍ରମୁଖ ଗୀତାଞ୍ଜଳି ନାୟକ, ପ୍ରଖର ପ୍ରସାର ଡ. ଉପେନ୍ଦ୍ର ନାଥ ପାତ୍ର, ଜିଲ୍ଲା ସମିତି ସଦସ୍ୟ ଉତମ ବିଶ୍ୱାଳ, ଦେବାଶିଷ ଷଡ଼ଙ୍ଗୀ, ପଂଚାନନ ଦାଶ ପ୍ରଶାନ୍ତ ମହାପାତ୍ର, ମଣି ଭଦ୍ର, କ୍ରିଷ୍ଣେନ୍ଦୁ ଦାମ, ଉମେଶ ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ, ଶାନ୍ତିଲତା ମିଶ୍ର ଶେଷରେ କସ୍ତୁରୀ ସରକାର ଧନ୍ୟବାଦ ଅର୍ପଣ କରିଥିଲେ ।

# ଓସିଏସ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା




ଭବାନୀପାଟଣା,(ନିପ୍ର)କଳାହାଣ୍ଡି ଜିଲ୍ଲା ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବାରେ ସଫଳ ହୋଇଥିବା ଅନୁସୂଚିତ ଜାତି ଓ ଜନଜାତି ପରୀକ୍ଷାର୍ଥୀମାନଙ୍କୁ ଆଜି ଭବାନୀପାଟଣା ସ୍ଥିତ ଟାଉନହଲ ଠାରେ ମହାସଂଘ ତରଫରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ସମ୍ବର୍ଦ୍ଧନା ସମାରୋହରେ ଅତିଥି ଭାବେ ପୂର୍ବତନ ବିଧାୟକ ଅନାମ ନାଏକ, ଅବସରପ୍ରାପ୍ତ ଅବକାରୀ ଆୟୁକ୍ତ ଗଙ୍ଗାଧର ମାଝୀ, କୋଟଗଡ଼ ତହସିଲଦାର ଉପେନ୍ଦ୍ର ଲୁହା, ଅବସରପ୍ରାପ୍ତ ପ୍ରଶାସକ ମହେଶ୍ୱର ମାଝୀ, ଅବସର ପ୍ରାପ୍ତ ଅଡିଟର ନବ କିଶୋର ମାଝୀ, ବଙ୍ଗୋମୁଣ୍ଡା ବନାଂଚଳ ଅଧିକାରୀ ପଦ୍ମନାଭ କୁମାର ପ୍ରମୁଖ ଯୋଗ ଦେଇଥିଲେ । ଦଳିତ ଆଦିବାସୀ ମହାସଂଘର ସଭାପତି ପରମାନନ୍ଦ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାସଂଘର କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗରୁ ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜିଲ୍ଲାର ୧୨ଜଣ ପ୍ରତିଭାଙ୍କୁ ମାନପତ୍ର ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ମହାସଂଘର ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ମହେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ମହାସଂଘର ମହାସଚିବ ଦେବୀ ସିନ୍ଧୁର, ଉପସଭାପତି ଋଷିସୂଦନ ଛତ୍ରପାଲ, ଚୂଡ଼ାମଣି ମାଝୀ, ସାଧାରଣ ସମ୍ପାଦକ ହରିଶଙ୍କର ମାଝୀ, ରାଜେନ୍ଦ୍ର ନାଏକ, ଲାଲ ବାହାଦୁର ଜାନୀ, ଦୀନେଶ ମଳିକ, ନଗର ସଭାପତି ଚକ୍ରଧର ସେଠୀ, ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ନନ୍ଦ ନାଏକ, ପ୍ରକାଶ ସାଗର, ମଦନ ମାଝୀଙ୍କ ସମେତ ମହାସଂଘର ଅନ୍ୟାନ୍ୟ କର୍ମକର୍ତା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲାର କୋଣ ଅନୁକୋଣରୁ ବୁଦ୍ଧିଜୀବୀ, ନାଗରିକ ସଂଗଠନ ଓ ବହୁ ସଂଖ୍ୟାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ଉପସ୍ଥିତ ଥିଲେ ।

# ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ଓ ଲୋକକଳା ମହୋତ୍ସବ ଉଦ୍‌ଘାଟିତ



ବ୍ରହ୍ମପୁର(ନିପ୍ର): ପର୍ଯ୍ୟଟନ ଭାରତ ତରଫରୁ ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଶନିବାର ଆରମ୍ଭ ହୋଇଛି ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ଓ ଲୋକକଳା ମହୋତ୍ସବ । ମହୋତ୍ସବ ରେ ଭାଷା, ସାହିତ୍ୟ, ସଂସ୍କୃତି, ଲୋକକଳା ଓ ପର୍ଯ୍ୟଟନର ମିଳିତ ସମାବେଶର ଝଲକ ମଂଚରେ ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମର ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଶତାଧିକ କବି, କବିୟତ୍ରୀ ମାନଙ୍କ କବିତା ଆସର ହୋଇଥିଲା । କବି ମିହୀର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ତିକ ପାଣିଗ୍ରାହୀ, ସିବାନନ୍ଦ ବାରିକ, ସୁପ୍ରିଜିତ ସାହୁ, ସୁଧୀର ପଣ୍ଡା, ରତ୍ନାକର ସିଅ ଓ ସାଗରିକା ଆଚାର୍ଯ୍ୟ ପ୍ରମୁଖଙ୍କ ସହ ବହୁ ଉଦଘୋଷକ କବିତା ସଂଯୋଜନା କରିଥିଲେ । ଅପରାହ୍ନରେ କାର୍ଯ୍ୟକ୍ରମ ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲା ‘ଓଡିଶା ପ୍ରଦେଶ ଓ ଓଡ଼ିଆ ଅସ୍ମିତା’ ବିଷୟ ସମ୍ବଳିତ ସାହିତ୍ୟ ଆଲୋଚନା ଚକ୍ର । ଆଲୋଚନା ଚକ୍ରରେ ଡ଼. କୁଳମଣି ଓଝା, ଡ଼. ଲମ୍ବୋଦର ପାଣିଗ୍ରାହୀ, ଅନିଲ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ଚକ୍ରକୁ ନିଜର ଓଜସ୍ୱନୀ ଭାଷା ମାଧମରେ ସମସ୍ତଙ୍କୁ ବିମୋହିତ କରିଥିଲେ । ଏହି ଅବସରରେ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଓ ସାହିତ୍ୟ ଏକାଡେମୀ ପ୍ରାପ୍ତ ପ୍ରିୟବ୍ରତ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ କବି, କବିୟତ୍ରୀ ଓ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବକ୍ତୃତା, ସାଧାରଣ ଜ୍ଞାନ, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ମହୋତ୍ସବର ପ୍ରଥମ ଦିବସର ଆନୁଷ୍ଠାନିକ ଉଦ୍‌ଘାଟନ ଅନୁଷ୍ଠିତ ହୋଇଥିଲା । ମହୋତ୍ସବର ମୁଖ୍ୟ ତଥା ପର୍ଯ୍ୟଟନ ଭାରତର ପରିଚାଳନା ନିର୍ଦ୍ଦେଶକ ନାରାୟଣ ମହାଙ୍କୁଡ଼ଙ୍କ ସଂଯୋଜନା ଏବଂ କାର୍ଯ୍ୟକ୍ରମର ସଭାପତି ରବି ନାରାୟଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୂଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧରେ ସୋରଡା ବିଧାୟକ ନୀଳମଣି ବିଷୋୟୀ, ଡିଆଜି ଡ଼. ସାର୍ଥକ ଷଡଙ୍ଗୀ, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସମାଜସେବୀ ସୁବାସ ମହାରଣା, ଡା. ତିରୁପତି ସାହୁ, ଇଂ.ଜାମିନି କାନ୍ତ ଦାସ, କାଳୁ ଚରଣ ସାହୁ, ଶିବରାମ ରେଡ୍ଡୀ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ । ପ୍ରଥମ ଦିବସ କାର୍ଯ୍ୟକ୍ରମ ଶେଷରେ ଓଡିଶା ନାଟକ ସମାରୋହ ସମିତି ତରଫରୁ ନାଟ୍ୟକାର ଡା. ମିହୀର କୁମାର ତ୍ରିପାଠୀଙ୍କ ରଚିତ ଓ ରବି ନାରାୟଣ ବେହେରାଙ୍କ ନିର୍ଦ୍ଦେଶିତ ହାସ୍ୟ ବ୍ୟଙ୍ଗ ନାଟକ ‘ଉଦ୍‌ଘାଟନ’ ମଂଚସ୍ଥ ହୋଇ ଯାଇଛି । ଅନିଲ କୁମାର ପାତ୍ର, ରାଜଗୋପାଳ ପାଢ଼ୀ, ଗୋପାଳ ପଟ୍ଟନାୟକ, କୈଳାସ ପାଣିଗ୍ରାହୀ, ସରୋଜ ପଣ୍ଡା, ପ୍ରଦୀପ ନାହାକ, ଦୀପିକା ଦାସ, ଜ୍ଞାନେନ୍ଦ୍ର ପଣ୍ଡା,ଚନ୍ଦ୍ରକଳା ପ୍ରମୂଖ ଙ୍କ ସହ ଅନେକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନୀଳାଚଳ ଇସ୍ପାତ ସମ୍ପ୍ରସାରଣର ପରିବେଶ ଜନଶୁଣାଣି ନଭେମ୍ବର ୨୯ରେ




କଳିଙ୍ଗନଗର(ନିପ୍ର): ଯାଜପୁର ଜିଲ୍ଲା ରେ ଥିବା ନୀଳାଚଳ ଇସ୍ପାତ ନିଗମ ଲିମିଟେଡ ପ୍ରତିଷ୍ଠା କରିବା ପାଇଁ ୧୯୮୨ ମସିହାରେ ଗଢି ଉଠିଥିଲା । ସରକାରୀ କାରଖାନା ଯୋଗୁଁ କୌଣସି କାରଣରୁ କାରଖାନାଟି ବହୁ ଅସୁବିଧାକୁ ସାମ୍ନା କରିବା ସହିତ ଦେବାଳିଆ ସ୍ଥିତି ରେ ପହଂଚି ଯାଇଥିବା ବେଳେ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ୨୦୧୯ ଫେବୃଆରୀ ୬ରେ ଏନ୍. ଆଇ. ଏନ୍. ଏଲ୍. ର କର୍ପୋରେଟ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଡିସେମ୍ବର ୩, ୨୦୨୧ ରେ, ଭାରତ ସରକାରଙ୍କ ନିବେଶ ଏବଂ ସାର୍ବଜନୀନ ସମ୍ପତି ପରିଚାଳନା ବିଭାଗ (ଡିଆଇପିଏ ଏମ) ବିଭିନ୍ନ ସରକାରୀ ଉପକ୍ରମ ଦ୍ୱାରା ପରିଚାଳିତ ନୀଳାଚଳ ଇସ୍ପାତ୍ ନିଗମ ଲିମିଟେଡ୍ ରେ ଇକ୍ୱିଟି ଅଂଶଧନ ରଣନୈତିକ ପୁଞ୍ଜି ପ୍ରତ୍ୟାହାର ପାଇଁ ଏକ ପ୍ରସ୍ତାବ ଜାରି କରିଥିଲା । ଏହି ପ୍ରକ୍ରିୟା ଅଧୀନରେ ଡି. ଆଇ. ପି. ଏ. ଏମ୍. ଦ୍ୱାରା ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ସଫଳ ନିବେଶକ ଭାବେ ଘୋଷିତ ହୋଇଥିଲା । ଅଂଶଧାରୀ ଏବଂ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ମଧ୍ୟରେ ମାର୍ଚ୍ଚ ୧୦, ୨୦୨୨ ରେ ଅଂଶ ବା ସେୟାର ବିକ୍ରୟ ଏବଂ କ୍ରୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ଦ୍ୱାରା ନୀଳାଚଳ ଇସ୍ପାତ୍ ନିଗମ ଲିମିଟେଡ୍‌ର ଅଧିଗ୍ରହଣ ଜୁଲାଇ ୪,୨୨ରେ ସମାପ୍ତ ହୋଇଥିଲା । ବର୍ତମାନର ପ୍ଲାଂଟକୁ ୦୧.୦୮.୯୬ରେ ପିଗ୍ ଆଇରନ୍ (୦.୪୩୧ ଏମ୍‌ଟିପିଏ), ଷ୍ଟିଲ୍ ବିଲେଟ୍ (୦.୫୫ ଏମ୍‌ଟିପିଏ) ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ (୫୫ ମେଗାୱାଟ୍ ) ଉତ୍ପାଦନ ପାଇଁ ଇ.ସି. ମଞ୍ଜୁର କରାଯାଇ ଥିଲା; ବର୍ତମାନର ପ୍ଲାଂଟକୁ ୦୧.୦୮.୧୯୯୬ ରେ ପିଗ୍ ଆଇରନ୍ (୦.୪୩୧ ଏମ୍‌ଟିପିଏ), ଷ୍ଟିଲ୍ ବିଲେଟ୍ (୦.୫୫ ଏମ୍‌ଟିପିଏ) ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ (୫୫ ମେଗାୱାଟ୍ ) ଉତ୍ପାଦନ ପାଇଁ ଇ.ସି. ମଞ୍ଜୁର କରାଯାଇଥିଲା; କଳିଙ୍ଗନଗର ସ୍ଥିତ ନିଜସ୍ୱ ପରିସରରେ ନିଜର ଅଶୋଧ ଇସ୍ପାତ୍ ଉତ୍ପାଦନ କ୍ଷମତାକୁ ୦.୯୮୧ଏମ୍‌ଟିପିଏରୁ ୯.୫ ଏମ୍‌ଟିପିଏ କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ପ୍ରସ୍ତାବିତ ସମ୍ପ୍ରସାରଣ ଯୋଜନା ପାଇଁ ପରିବେଶ ମଞ୍ଜୁରି ପାଇଁ ଏନ୍. ଆଇ. ଏନ୍. ଏଲ୍. ଏମ୍. ଓ . ଇ. ଏଫ୍. ଆଣ୍ଡ.ସି. ସି. ନିକଟରେ ଆବେଦନ କରିଛି । ଯାହାକୁ ଆସନ୍ତା ମାସ ତା୨୯.୧୧.୨୪ ତାରିଖ ୧୧ଘଟିକା ସମୟ ରେ ପଙ୍କପାଳ ସ୍ଥିତ ଜେସିଡି ପ୍ରାଙ୍ଗଣରେ ସର୍ବସାଧାରଣ ଜନଶୁଣାଣୀ ଅନୁଷ୍ଠିତ ହେବା ପାଇଁ ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କୁହାଯାଇଛି । ଏଥିସହିତ କମ୍ପାନୀ ଆଗକୁ କ’ଣ କ’ଣ ସବୁ ଉନ୍ନତି ମୂଳକ କାର୍ଯ୍ୟ କରିବାକୁ ପଦକ୍ଷେପ ଗ୍ରହଣ କରିବ ତା’ର ସମସ୍ତ ତଥ୍ୟ ପ୍ରଦାନ କରିଛି । ମାତ୍ର କଳିଙ୍ଗନଗର ରେ ଏହିପରି ଏକାଧିକ ଶିଳ୍ପସଂସ୍ଥା ଜନଶୁଣାଣୀ ପୂର୍ବରୁ ବହୁ ଆଶା ଭରସା ର ଲମ୍ବା ଇସ୍ତାହାର ଦେଇ ଭୂଲି ଯିବା ର ନଜିର ରହିଛି । ତେଣୁ ଆଗକୁ ଦେଖିବାକୁ ବାକି ରହିଲା ନୀଳାଚଳ ଇସ୍ପାତ ନିଗମ କୁ କଳିଙ୍ଗନଗର ବାସୀ କିପରି ଓ କେଉଁ ପ୍ରକାରର ସହଯୋଗ ର ହାତ ବଢାଇଛନ୍ତି ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ

ବ୍ରହ୍ମପୁର(ନିପ୍ର): କେସି ହାଇସ୍କୁଲ ଖେଳ ପଡ଼ିଆରେ ବ୍ରହ୍ମପୁର ପ୍ରେସ କ୍ଲବ୍ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ସଦସ୍ୟମାନେ ଦୁଇଟି ଟିମ ହୋଇ ଖେଳିଥିଲେ । ଗୋଟିଏ ଟିମ ବିଜୟୀ ହୋଇଥିବା ବେଳେ ଅନ୍ୟ ଏକ ଟିମ ରନର୍ ଅପ ହୋଇଛି । ଉଭୟ ଟିମ୍ କୁ ସନ୍ଧ୍ୟାରେ ସଂସ୍କୃତି ଭବନ ପରିସରରେ ଆୟୋଜିତ ଜାତୀୟ ପର୍ଯ୍ୟଟନ ମହୋତ୍ସବରେ ପୁରସ୍କାର ପ୍ରଦାନ କରାଯାଇଛି । କାଳୀ ପ୍ରସାଦ ରଥଙ୍କ ଅଧିନାୟକରେ ଟିମ ବିଜୟୀ ହୋଇଥିବା ବେଳେ ମନୋଜ ପଣ୍ଡାଙ୍କ ଅଧିନାୟକରେ ଟିମ ରନର୍ ଅପ ହୋଇଥିଲା । ସେହିପରି ବ୍ୟାଟିଂ ରେ ରାଜେଶ ପଟ୍ଟନାୟକ, ପ୍ରଭଞ୍ଜନ ମିଶ୍ର , କାଳୀ ଏବଂ ଶକ୍ତି ଭାଇ ଭଲ ପ୍ରଦର୍ଶନ କରିଥିଲେ । ମନୋଜ ପଣ୍ଡାଙ୍କ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭର ରେ ୬ ଟି ୱିକେଟ ହରାଇ ୯୩ ରନ୍ ସଂଗ୍ରହ କରିଥିଲେ । କାଳୀ ରଥଙ୍କ ଦଳ ଏହି ରନ୍ କୁ ପିଛା ୪ ଟି ୱିକେଟ ହରାଇ ୯୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ । ଏଥିରେ ସ୍କୋର ରେ ସାହାଯ୍ୟ କରିଥିଲେ ନିର୍ମଳ ସାହୁ । ସେହିପରି ବ୍ରହ୍ମପୁର ପ୍ରେସ କ୍ଲବ୍ ସଭାପତି ଅଶୋକ ବ୍ରହ୍ମା, ଉପ ସଭାପତି ଅଭୟ ପାଢ଼ୀ, ସମ୍ପାଦକ ପ୍ରହଲ୍ଲାଦ ସାହୁ, ସହ ସମ୍ପାଦକ ଗୋପାଳ ରେଡ୍ଡୀ, କୋଷାଧ୍ୟକ୍ଷ ଶିବ ନାରାୟଣ ପଣ୍ଡାଙ୍କ ସମେତ ସମସ୍ତ ସାମ୍ବାଦିକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

# ଜଳମଗ୍ନ ପରିସ୍ଥିତି ମୁକାବିଲା ନେଇ ସମୀକ୍ଷା କଲେ ମନ୍ତ୍ରୀ



ଭଦ୍ରକ(ନିପ୍ର): ବାତ୍ୟା 'ଦାନା' ଯୋଗୁଁ ଅଧିକ ପ୍ରଭାବିତ ହୋଇଥିବା ଭଦ୍ରକ ଜିଲ୍ଲାର କ୍ଷୟକ୍ଷତି ଆକଳନ ତଥା ବାତ୍ୟା ପରବର୍ତୀ ବର୍ଷା ଦ୍ୱାରା ସୃଷ୍ଟ ଜଳମଗ୍ନ ଓ ବନ୍ୟା ଜନିତ ପରିସ୍ଥିତି ର ସୁଧାର ପାଇଁ ପ୍ରଶାସନିକ ପରିଚ୍ଳନାକୁ ସମୀକ୍ଷା କରିଛନ୍ତି ଉଚ୍ଚଶିକ୍ଷା, ଯୁବ, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଜିଲ୍ଲାପାଳ ଦିଲୀପ ରାଉତରାଏ, ବାତ୍ୟା ପାଇଁ ଜିଲ୍ଲାର ପର୍ଯ୍ୟବେକ୍ଷକ ଥିବା ଇପିକଲର ପରିଚ୍ଳନା ନିର୍ଦ୍ଦେଶକ ଆଇ.ଏ.ଏସ୍. ଅଧିକାରୀ ଭୂପିନ୍ଦର ସିଂ ପୁନିଆ, ପ୍ରମୁଖ ମଧ ଏହି ସମୀକ୍ଷାରେ ଉପସ୍ଥିତ ରହି ମତାମତ ରଖିଥିଲେ । କ୍ଷୟକ୍ଷତି ଆକଳନରେ କୌଣସି ଜାତି, ଧର୍ମ, ବର୍ଣ୍ଣ, ଦଳକୁ ଗୁରୁତ୍ୱ ନ ଦେଇ ଗରିବ ଓ ପୀଡ଼ିତଙ୍କ ପ୍ରତିନ୍ୟାୟ ପ୍ରଦାନ ଦିଗରେ ଯତ୍ନବାନ୍ ହେବାକୁ ସଂପୃକ୍ତ ପ୍ରଶାସନିକ ଅଧିକାରୀ ମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଆବଶ୍ୟକ ମତେ ଆଶ୍ରୟ ସ୍ଥଳୀରେ ରହିଥିବା ଲୋକ ଏବଂ ବାତ୍ୟା ପରବର୍ତୀ ବର୍ଷାଦ୍ୱାରା ସୃଷ୍ଟ ଜଳମଗ୍ନ ବା ବନ୍ୟା ଯୋଗୁଁ ଜଳବନ୍ଦୀ ଥିବା ଅଂଚଳର ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନଜାରି ରଖିବାକୁ ବି.ଡ଼ି.ଓ. ଓ ତହସିଲଦାର ମାନଙ୍କୁ କୁହାଯାଇଛି । ସୂଚନା ଯୋଗ୍ୟକି ୨୭ ତାରିଖ ରବିବାର ସୁଦ୍ଧା ଆଶ୍ରୟ ସ୍ଥଳୀରେ ସମୁଦାୟ ୨୫,୭୦୯ ଜଣ ଲୋକ ରହିଛନ୍ତି । ଏହି ପରିପ୍ରେକ୍ଷୀରେ ଜାରି ରହିଥିବା ବର୍ଷା ଯୋଗୁଁ ସମ୍ଭାବ୍ୟ ଜଳମଗ୍ନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶୂନ ମୃତ୍ୟୁ ଆଭିମୁଖ୍ୟରେ ବିପଦ ସଙ୍କୁଳ ଓ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ନିକଟସ୍ଥ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ବାତ୍ୟା ପୂର୍ବ ଓ ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନ ସହିତ ସମସ୍ତଙ୍କ ସହଯୋଗରେ ସଫଳ ମୁକାବିଲା ହୋଇଥିବା, କୌଣସି ଧନଜୀବନ ହାନି ନ ହୋଇଥିବା ନେଇ ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ । ୭୦ ହଜାର ହେକ୍ଟରରୁ ଅଧିକ ଚାଷଜମି ପ୍ରଭାବିତ ହୋଇଥିବା ସୂଚନା ଦେଇଥିଲେ । ଜିଲ୍ଲାର ୨୧୮ ଟି ପଂଚାୟତକୁ ରାସ୍ତା ପରିଷ୍କାର ହୋଇଥିବା ୧୯୧ ଟି ଜି.ପି. ବିଦ୍ୟୁତ କ୍ଷତି ଜନିତ ପୁନଃ ଉଦ୍ଧାର, ୨୧୨ ଟି ଜି.ପି.କୁ ପାନୀୟ ଜଳ ପୂର୍ବବତ୍ ଯୋଗାଣ କରାଯାଉଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସେ ସୂଚନା ଦେଇଛନ୍ତି । ସାମୂହିକ ବା ବ୍ୟକ୍ତିଗତ କ୍ଷୟକ୍ଷତି ଆକଳନ ତ୍ୱରିତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷ କରି ସାଳନ୍ଦୀ, ନାଳିଆ, ଯଅ, ରେବ, କପାଳି ନଦୀରେ ପାଣି ଆସିବା ଯୋଗୁଁ ଧାମନଗର, ତିହିଡ଼ି, ଭଣ୍ଡାରିପୋଖରୀ, ଭଦ୍ରକ ବ୍ଲକର ଅନେକ ଅଂଚଳ ବୁଡ଼ି ପ୍ରଭାବିତ ହୋଇଥିବାରୁ ସରକାରୀ ସାହାଯ୍ୟ ପ୍ରଦାନ ଅବ୍ୟାହତ ରହିଛି । ପ୍ରଭାବିତ ପ୍ରାଣୀ ସମ୍ପଦ ପାଇଁ ଆଗୁଆ ପ୍ରତି ପ□ାୟତକୁ ଗୋଖାଦ୍ୟ ପ୍ରେରଣ କରାଯାଇ ଥିବା ଓ ବର୍ତମାନ ମଧ ତ୍ୱରିତ୍ ଯୋଗାଇବା ପାଇଁ ପଦକ୍ଷେପ ପାଇଁ ନିର୍ଦ୍ଦେଶ ପ୍ରଦାନ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ବ□ମାନ ବି ବିପଦ ଟଳିନାହିଁ । ଶେଷ ପର୍ଯ୍ୟନ୍ତ ସତର୍କତା ଅବଲମ୍ବନ ସହ ମୁକାବିଲାରେ ସଫଳତା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ବନ୍ୟା ଓ ଜଳମଗ୍ନ ଅ□ଳରେ, ପାଣିରେ ବୁଡ଼ିଥିବା ପୋଲ ଉପରେ ପିଲା, ବୃଦ୍ଧ ବା ଅନ୍ୟ କେହି ବୁଲାବୁଲି କି ପାଣିସହ ଖେଳିବା, ଅସାବଧାନତା ଅବଲମ୍ବନ କରିବାକୁ ସଚେତନ କରାଇବା ଦିଗରେ ମଧ ସେ ପ୍ରାଧାନ୍ୟ ଦେଇଥିଲେ । କାରଣ ଶୂନ ମୃତ୍ୟୁ ଆଭିମୁଖ୍ୟ ହାସଲ ପାଇଁ ଏବେ ବି ଆମ ସମସ୍ତଙ୍କ ଉପରେ ଦାୟିତ୍ୱ ଅଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ବାତ୍ୟା ସମୟରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ ପାଇଁ ୨୫ ଟି ମେଡ଼ିକାଲଟିମ୍ ଓ ୭ଟି ପ୍ରାଣୀଚିକିତ୍ସା ଟିମ୍ ମୃତୟନ କରାଯାଇଥିଲା । ଜୁମ୍ ଜରିଆରେ ଅନୁଷ୍ଠିତ ଏହି ବୈଠକ ସହ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ ଓ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଡ଼ି ହୋଇ ଆଲୋଚନାରେ ମତାମତ ରଖିଥିଲେ । ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ଉପଜିଲ୍ଲାପାଳ ଝାରସୁଗୁଡ଼ା ସବ୍ୟସାଚୀ ପଣ୍ଡା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତନ୍ମିତା କର ପ୍ରମୁଖ ଓ୍ୱାର୍ ହଲ୍‌ରେ ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ଥାନ ବୁଲି କ୍ଷୟକ୍ଷତି ଆକଳନ

ଜଳେଶ୍ୱର(ନିପ୍ର): ବାତ୍ୟା ଦାନା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଜଳେଶ୍ୱରର ୩୫ଟି ପଂଚାୟତରେ କୃଷି ବିଭାଗର କର୍ମକର୍ତାଙ୍କ ଏକ ଟିମ୍ ବୁଲି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି । ଖୁଦିଆ ମାଝିସାହି, କାଳିକ, ଚମାରଗାଁ, ଶିଖରପୁର, ରାଇବଣିଆ ପଂଚାୟତର ବିଭିନ୍ନ କ୍ଷତିଗ୍ରସ୍ତ ଅଂଚଳ ବୁଲି ଏହି କୃଷି ବୈଷୟିକ ଟିମ୍ ତଦନ୍ତ କରିଛନ୍ତି । ଗୋଷ୍ଠୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି, ଓଭରସିୟର ପଦ୍ମଲୋଚନ ବାରିକ, କୃଷି ବୈଷୟିକ ସହ ପରିଚାଳକ ରାଜକିଶୋର ଦାସ, ଗ୍ରାମ୍ୟ କୃଷି ଅଧିକାରୀ ସୁଶାନ୍ତ ପାତ୍ର, ସନ୍ତୋଷ ପଣ୍ଡା, ଉପରୋକ୍ତ ପଂଚାୟତର ନିର୍ବାଚିତ ପ୍ରତିନିଧିମାନେ ଏହି କ୍ଷତି ଆକଳନ ବେଳେ ଉପସ୍ଥିତ ଥିଲେ । କିନ୍ତୁ ଧୋୟା ଅଂଚଳ ଭାବେ ପରିଚିତ ନାମ୍ପୋ, ଖାଲିନା, ସମ୍ପତିଆ, ଝାଡପିମ୍ପଳ, ବାଇଗଣବାଡିଆ, ପର୍ଶ୍ଚିମବାର୍ଡ, ପାଇକସିଦା, ଗଡସାହି ବାଲିଆପାଳ, ରାୟାଁରାମଚନ୍ଦ୍ରପୁର, ବର୍ତନା, ଖୁଲୁଡା ଇତ୍ୟାଦି ପଂଚାୟତର କ୍ଷୟକ୍ଷତି ଆକଳନ ଆସନ୍ତା କାଲି ହେବବୋଲି ଟିମ୍ ଲିଡର ଶ୍ରୀମତୀ ମହାନ୍ତି କହିଛନ୍ତି । ଅନ୍ୟପକ୍ଷରେ ରାଜସ୍ୱ ବିଭାଗ ଓ ପରିସଂଖ୍ୟାନ ବିଭାଗ ପକ୍ଷରୁ ମଧ୍ୟ କ୍ଷୟକ୍ଷତିର ଆକଳନ କରାଯାଉଛି । ଦାନା ପରେ କ୍ଷତିକ୍ଷତି ଆକଳନ ଓ ସହାୟତା ଲାଗି ଚାଷୀମାନେ ଦାବି କରୁଥିବା ବେଳେ ଆସନ୍ତା ରବିରତୁ ପାଇଁ ଏବେଠାରୁ ବିଭିନ୍ନ ବିହନ ଚାଷୀଙ୍କ ନିକଟରେ ରିହାତି ଦରରେ ପହଂଚାଇବାକୁ ଦାବି ହେଉଛି ।

# ୫ବର୍ଷ ହେଲାଣି ସରୁନାହିଁ ପୋଲ କାମ



ବାରିପଦା(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକ ଅନ୍ତର୍ଗତ ଚଢେଇପାହାଡି ପଂଚାୟତର ଭୀମକନ୍ଧା ଗ୍ରାମ ମୁଣ୍ଡରେ ଦୀର୍ଘ ୫ ବର୍ଷ ତଳେ ଆରମ୍ଭ ହୋଇଥିବା ପୋଲ ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇ ପାରିଲା ନାହିଁ । ଫଳରେ ଗ୍ରାମବାସୀ ନାହିଁ ନଥିବା ସମସ୍ୟାରେ ଯାତାୟତ କରୁଛନ୍ତି । ସେହିପରି ବିନା ଫଳକରେ ନିର୍ମାଣ କାମ ଚାଲିଛି । ମାସ ମଧରେ ୫/୬ ଦିନ କାମ ହୁଏ ଅନ୍ୟ ଦିନ ମାନଙ୍କରେ ହୁଏ ନାହିଁ । ଲୋକଙ୍କ ଦାବି ମୁତାବକ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା ପୋଲ ନିର୍ମାଣ କାର୍ଯ୍ୟ । କିନ୍ତୁ ଆଜିକୁ ୫ବର୍ଷ ହେଲାଣି ପୋଲ କାମ ଅଧାରେ ଅଟକି ରହିଛି । ଫଳରେ ଆଖପାଖର ଲୋକମାନଙ୍କ ର ଗମନା ଗମନରେ ନନା ଅସୁବିଧା ସୃଷ୍ଟି ହେଉଛି । ଏହି ପୋଲ ନିର୍ମାଣ ହେଲେ ଗୋରୁମହିଷାଣୀ ବଜାରକୁ ଯିବା ଆସିବାରେ ଲୋକଙ୍କୁ ସୁବିଧା ହୋଇଥାନ୍ତା । ଏନେଇ ଗତ ବର୍ଷ ଚଢେଇ ପାହାଡି ପଂଚାୟତର ସମିତି ସଭ୍ୟା କୁନି ସର୍ଦ୍ଦାର ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପୋଲ ନିର୍ମାଣ ଶ୍ରୀଘ ଶେଷ କରିବା ପାଇଁ ଅଭିଯୋଗ ପତ୍ର ଦେଇଥିଲେ ଏବଂ ଜିଲ୍ଲାପାଳ ୩ ମାସ ଭିତରେ ପୋଲ ନିର୍ମାଣ କାମ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏକ ବର୍ଷ ବିତିଗଲା ପରେ ମଧ ପୋଲ କାମ ଯେଉଁଠି ଅଟକି ରହିଛି । ଏଣୁ ସମସ୍ୟାର ସମାଧାନ ନହେଲେ ଚଢ଼େଇ ପାହାଡି ପଂଚାୟତ ସମିତି ସଭ୍ୟା କୁନି ସର୍ଦ୍ଦାର ଓ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ଜାଲି ନିଯୁକ୍ତି ପତ୍ର ଦେଇ ଲକ୍ଷାଧିକ ଟଙ୍କା ଠକେଇ, ଜଣେ ଗିରଫ



ଝାରସୁଗୁଡ଼ା(ନିପ୍ର): ଜାଲି ନିଯୁକ୍ତି ପତ୍ର ଦେଇ ୪୪୭୦୦୦ ଟଙ୍କା ଲୁଟ୍ କରିଥିବା ଅଭିଯୁକ୍ତକୁ ବିମାନ ବନ୍ଦର ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି । ସମ୍ବଲପୁର ଜିଲ୍ଲା ବାଉରୀଗୁଡା ଗାଁର ପିଂଟୁ ନନ୍ଦ(୨୫) ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଲିଫ୍ଟ ଟେକ୍ନିସିଆନ ଭାବେ କାମ କରୁଛି । ଅଭିଯୁକ୍ତ, ତିନି ବର୍ଷ ପୂର୍ବରୁ ଆଉଟ ସୋର୍ସି ସଂସ୍ଥା ଅଧିନରେ ଲିଫ୍ଟ ଟେକ୍ନିସିଆନ ଭାବେ କାମ କରୁଥିବାବେଳେ ଜିଲ୍ଲାର ବିଭିନ୍ନ ଅଂଚଳର ବେକାର ଯୁବକଯୁବତୀଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚାକିରୀ ଦେବା ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଲୁଟ କରିଥିବା ତଦନ୍ତରୁ ଜଣାପଡ଼ିଛି । କୋଲାବିରା ବଡବାହାଲ ଗାଁର ହରେଶ କିସାନଙ୍କୁ ଏଟେଣ୍ଡାଟ ପଦବିରେ ନିଯୁକ୍ତି ଦେବା ପ୍ରତିଶ୍ରୁତି ଦେଇ ୬୦ ହଜାର ଟଙ୍କା ଅଭିଯୁକ୍ତ ନେଇଥିଲା । ଅକ୍ଟୋବର ୧ ତାରିଖରେ ଚାକିରୀରେ ଯୋଗ ଦେବାକୁ କହିବାରୁ ଡାକ୍ତରଖାନାକୁ ଆସିଥିଲେ କିସାନ ହେଲେ ୧ ତାରିଖ ପରିବର୍ତେ ୫ ତାରିଖରେ ଯୋଗ ଦେବାକୁ ଅଭିଯୁକ୍ତ କହିଥିଲା । ଅଭିଯୁକ୍ତର କହିବା ଅନୁସାରେ ୫ ତାରିଖ ଦିନ କିସାନ ଡାକ୍ତରଖାନା ଆସିବାରୁ ଅନ୍ୟ କାରଣ ଦର୍ଶାଇ ୧୦ ତାରିଖ ଦିନ ଆସିବାକୁ କହିଥିଲା । ହେଲେ ୧୦ ତାରିଖ ଦିନ ଅଭିଯୁକ୍ତକୁ ଯୋଗାଯୋଗ କରିବାରୁ ଫୋନ ସ୍ୱିଚ୍ ଅଫ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କିସାନ ଅଭିଯୋଗ କରିଥିଲେ । କିଷାନଙ୍କ ଅଭିଯୋଗ ଶୁଣି ଅଭିଯୁକ୍ତ ବିରୁଦ୍ଧରେ ଥାନାରେ ଏତଲା ଦିଆଯିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଥିଲେ । ଅନେକ ଯୁବକଯୁବତୀଙ୍କ ଠାରୁ ଅଭିଯୁକ୍ତ ଚାକିରୀ ଦେବା ନାଁରେ ଠକେଇ କରିଥିବା ସୂଚନା ପାଇ ଠକେଇର ଶୀକାର ହୋଇଥିବା ସମସ୍ତ ଯୁବକଯୁବତୀଙ୍କୁ କିସାନ ଯୋଗାଯୋଗ କରିଥିଲେ । ଠକେଇ ର ଶୀକାର ହୋଇଥିବା ସମସ୍ତ ୮ ଯୁବକଯୁବତୀ ଗତକାଲି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରୁ ଅଭିଯୁକ୍ତକୁ କାବୁକରି ବିମାନ ବନ୍ଦର ଥାନାରେ ଜିମା ଦେଇଥିଲେ । ଅଭିଯୁକ୍ତ ପିଂଟୁ କୁ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ସୂଚନା ଦେଇଛନ୍ତି ।

# ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରରୁ ନାଗ ସାପ ଉଦ୍ଧାର

କଳିଙ୍ଗ ନଗର(ନିପ୍ର): ଦାନଗଦି ବ୍ଲକ ଅନ୍ତର୍ଗତ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶବ ବ୍ୟବଚ୍ଛେଦ ଗୃହରୁ ସନ୍ଧ୍ୟା ସମୟରେ ଦୁଇଫୁଟର ଏକ ବିଷଧର ନାଗ ସାପ ଉଦ୍ଧାର ହୋଇଛି । ସୂଚନା ମୁତାବକ ଶନିବାର ଦିନ ଅପରାହ୍ନରେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶବ ବ୍ୟବଚ୍ଛେଦ ଗୃହରେ ଏକ ନାଗ ସର୍ପକୁ ସ୍ୱାସ୍ଥ୍ୟ କର୍ମଚାରୀ ଦେଇଖିଥିଲେ ଏବଂ ସଙ୍ଗେ ସଙ୍ଗେ ଦେଖିବା ପରେ ସାପ ଧରାଳି ରମାକାନ୍ତ ମହାନ୍ତଙ୍କ ସହ ଯୋଗ ଯୋଗ କରିଥିଲେ । ପରେ ସାପ ଧରାଳି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ସୁରକ୍ଷିତ ଉପାୟରେ ଉଦ୍ଧାର କରି ନିକଟସ୍ଥ ବରଙ୍ଗା ଜଙ୍ଗଲ ନାଗ ସର୍ପଟିକୁ ସୁରକ୍ଷିତ ଭାବେ ଛଡ଼ାଯାଇଛି । ଯାଜପୁର ଜିଲ୍ଲା ପ୍ରତିନିଧି ପଦ୍ମନାଭ ପହିଙ୍କ ରିପୋର୍ଟ ଆଜିକାଲି ।

# ଜିଲ୍ଲାରେ ମୋଟ ୨୩୮୧ ହେକଟର କୃଷି କ୍ଷେତ୍ର ପ୍ରଭାବିତ



ବାରିପଦା(ନିପ୍ର): ମୟୁରଭଞ୍ଜ ଜିଲ୍ଲାରେ ବାତ୍ୟା ଦାନାର ଆଂଶିକ ପ୍ରଭାବ ପଡ଼ିଥିବା ବେଳେ, ଲଗାତର ବର୍ଷା ପାଇଁ ବିଶେଷ କରି କୃଷି କ୍ଷେତ୍ର ପ୍ରଭାବିତ ହୋଇ ଥିବାରୁ ଚାଷୀ ମାନେ ଚିନ୍ତାରେ ଅଛନ୍ତି । ବର୍ତମାନ ସହଳ କିସମ ଧାନ ଗୁଡିକର ଅମଳ ସମୟ ହୋଇ ଯାଇଥିବାରୁ ଏବଂ ବିଳମ୍ବ କିସମ ଧାନ ଗୁଡିକର ଥୋଡ ବାହାରି ସାରିଥିବାରୁ ପବନ ଏବଂ ବର୍ଷାରେ ପ୍ରଭାବିତ ହୋଇଛି. ସେହିପରି ପନିପରିବା ଚାଷ ମଧ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି । କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରାଥମିକ ଆକଳନରେ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଉଦଳା, ବେତନଟୀ, ମୋରଡା, ଠାକୁରମୁଣ୍ଡା ଆଦି ଅଧିକ କ୍ଷତିଗ୍ରସ୍ତ ବ୍ଲକର ମୋଟ ୨୩୮୧ ହେକଟର କୃଷି କ୍ଷେତ୍ର ପ୍ରଭାବିତ ହୋଇଥିବା ବେଳେ, ସେଥିରୁ ଧାନ ୨୧୩୬ ହେକଟର ଏବଂ ଅଣଧାନ ଯଥା ପନିପରିବା, ବାଦାମ ଆଦି ୨୪୫ ହେକଟର ବୋଲି ଜଣାଯାଇଛି । ତେବେ ସମସ୍ତ କ୍ଷତିଗ୍ରସ୍ତ ଅଂଚଳର ରାଜସ୍ୱ ଏବଂ କୃଷି ବିଭାଗର ଯୁଗ୍ମ ତଦନ୍ତ ଚାଲିଥିବା ବେଳେ ତଦନ୍ତ ପରେ ସବିଶେଷ ତଥ୍ୟ ଜଣାପଡିବ ବୋଲି କୁହା ଯାଇଛି ।

# କରଣ ସମାଜର ବୈଠକ ଅନୁଷ୍ଠିତ



ଝାରସୁଗୁଡା(ନିପ୍ର): ଆଜି ଦିନ ୧୧ ଟା ରେ ସ୍ଥାନୀୟ ମେଘଦୂତ ହୋଟେଲ ଠାରେ କରଣ ସମାଜର ବୈଠକ ବରିଷ୍ଠ ସଦସ୍ୟ ଓ ଉପଦେଷ୍ଟା ତାପସରାୟ ଚଉଧୁରୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଛି । ଏହି ବୈଠକ ରେ କରଣ ସମାଜର ସଂପାଦକ ପ୍ୟାରିଲାଲ ଶ୍ରୀବାସ୍ତବ, ପୂର୍ବତନ କରଣ ସମାଜର ସଭାପତି ସତ୍ୟବହିଦାର ପୂର୍ବତନ ସଂପାଦକ ଜୀବନ ମହାନ୍ତି, ନେତାଜୀ ପଟ୍ଟନାୟକ, ଶିଶୁରଞ୍ଜନ ମହାପାତ୍ର, ବାଲାଜୀ ସାକସେନା, ସନ୍ନାସୀ ପଟ୍ଟନାୟକ, ବିପିନ ମହାନ୍ତି, ସତ୍ୟ ମହାନ୍ତି, ରାଜେନ୍ଦ୍ର ପଟ୍ଟନାୟକ, ପ୍ରଭାତ ପଟ୍ଟନାୟକ ଓ ପଙ୍କଜ ମହାନ୍ତି ପ୍ରଭୃତି ସମାଜର ଉନ୍ନତି ପାଇଁ ଆଲୋଚନା ରେ ଅଂଶ ଗ୍ରହଣ କରି ଥିଲେ । ଆଗାମୀ ନଭେମ୍ବର ମାସ ୩ ତାରିଖ ରେ କରଣ ସମାଜର (କାୟସ୍ତ) ମହାପ୍ରଭୁ ଚିତ୍ରଗୁପ୍ତ ମହାରାଜଜୀ ଙ୍କର ସ୍ଥାନୀୟ ମେଘଦୂତ ହୋଟେଲ ଠାରେ ସକାଳ ୧୦ଟାରେ ପୂଜା ଏବଂ ବାର୍ଷିକ ଜିଲ୍ଲା ସ୍ଥରୀୟ ସମ୍ମିଳନୀ ସକାଳ ୧୧ଟାରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରା ଯାଇଛି । ଏହି ସମ୍ମୀଳନୀ ରେ ନିମନ୍ତ୍ରୀତ ଅତିଥି ଭାବରେ ରାଜସ୍ୱ ମନ୍ତ୍ରୀ ସୁରେଶ କୁମାର ପୂଜାରୀ ବିଧାୟକ ଟଙ୍କଧର ତ୍ରିପାଠୀ, ପୋଲିସ ଆ.ଇ.ଜି ହିମାଂଶୁ ଲାଲ ଓ କରଣ ସମାଜର ସଭ୍ୟା ପୂର୍ବତନ ବିଧାୟିକା ଅଲକା ମହାନ୍ତି. ପୂର୍ବତନ ବିଧାୟିକା ଦିପାଳୀ ଦାସ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ଏହାକୁ ସଫଳ କରିବା ପାଇଁ ବିସ୍ତୁତ ଆଲୋଚନା କରା ଯାଇ ଥିଲା । ଶେଷରେ କରଣ ସମାଜର ଉପ-ସଭାପତି ବାଲାଜୀ ସାକସେନା ଧନ୍ୟବାଦ ଅର୍ପଣ କରି ଥିଲେ ।








ରାଜଭବନରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ


ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



# ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଋଷ ରାଷ୍ଟ୍ରପତି ପୁଟିନଙ୍କୁ ଝାଡ଼ଖଣ୍ଡର ଚିତ୍ରକଳା ଉପହାର ଦେଲେ ପ୍ରଧାନମନ୍ତ୍ରୀ

ସୋହରାଇ: ଏକ କାଳଜୟୀ ପାରମ୍ପରିକ ଚିତ୍ରକଳା ଝାଡଖଣ୍ଡ ଏହାର ସମୃଦ୍ଧ ଆଦିବାସୀ କଳା ପାଇଁ ବେଶ୍ ଜଣାଶୁଣା । ଝାଡ଼ଖଣ୍ଡର ହଜାରୀବାଗ ଜିଲ୍ଲାର ସୋହରାଇ ଚିତ୍ର ଏହି ଅଂଚଳର ସ୍ୱଦେଶୀ କଳା ପରମ୍ପରାର ପ୍ରତିନିଧିତ୍ୱ କରିଥାଏ । ସୋହରାଇ ଚିତ୍ରକଳାକୁ ଓଡିଓପି (ଏକ ଜିଲ୍ଲା ଏକ ଉତ୍ପାଦ) ସାମଗ୍ରୀ ଭାବରେ ସ୍ୱୀକୃତି ଦିଆଯାଇଛି ।ସୋହରାଇ ଚିତ୍ରକଳା ଏହାର ପ୍ରାକୃତିକ ରଂଗ ଏବଂ ସରଳ ଉପକରଣର ବ୍ୟବହାର ପାଇଁ ଜଣାଶୁଣା । ଚିତ୍ରକରମାନେ ଅନେକ ସମୟରେ ଡାଳ, ଚାଉଳ ନଡ଼ା କିମ୍ବା ଆଙ୍ଗୁଠିକୁ ବ୍ରସ୍ ଭାବେ ବ୍ୟବହାର କରି ଜଟିଳ ଡିଜାଇନ୍ ପ୍ରସ୍ତୁତ କରିଥାନ୍ତି । ସେମାନେ ସେମାନଙ୍କର ସରଳ ତଥା ଭାବପ୍ରବଣ କାହାଣୀ ପାଇଁ ଜଣାଶୁଣା । ପଶୁ, ପକ୍ଷୀ ଏବଂ ପ୍ରକୃତିର ଚିତ୍ରଣ ଆଦିବାସୀ ସଂସ୍କୃତିରେ କୃଷି ଜୀବନଶୈଳୀ ଏବଂ ବନ୍ୟଜନ୍ତୁଙ୍କ ପ୍ରତି ଶ୍ରଦ୍ଧାର





ପ୍ରତିଫଳନ ।ବିଶେଷକରି ପର୍ବପର୍ବାଣି ଓ ଅମଳ ଋତୁରେ ମହିଳାମାନଙ୍କ ଦ୍ୱାରା ସୋହରାଇ ଚିତ୍ର ତିଆରି କରାଯାଏ ।ଏହି କଳା ଅମଳ ପାଇଁ କୃତଜ୍ଞତାର ଏକ ରୂପ ଏବଂ ଆଗାମୀ ବର୍ଷ ପାଇଁ ସୌଭାଗ୍ୟ ଆଣିବ ବୋଲି ବିଶ୍ୱାସ କରାଯାଏ ।ସୋହରାଇ ଚିତ୍ରକଳା ପ୍ରାୟତଃ ପ୍ରକୃତିଠାରୁ ପ୍ରେରଣା ନେଇଥାଏ, ଯାହା ଏଥିରେ ପତ୍ର, ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କ ବ୍ୟବହାରୁ ସ୍ପଷ୍ଟ ହୋଇଥାଏ । ମୟୂରକୁ ଆଖପାଖରେ ଥିବା ତତ୍ତ୍ୱମାନଙ୍କ ସହିତ କଥାବାର୍ତ୍ତା କରୁଥିବା ଭାବରେ ଚିତ୍ରିତ କରାଯାଇଛି, ଏବଂ ଏହାର ମୁଦ୍ରା ଏକ ସୁନ୍ଦର ନୃତ୍ୟ ସୂଚାଇଥାଏ, ଯାହା ଛବିରେ ଜୀବନ ଯୋଡିଥାଏ । ଏହା ପ୍ରଚୁରତା, ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧିର ପ୍ରତୀକ, ଯାହା ଅମଳ ବିଷୟବସ୍ତୁ ସହିତ ସଂଯୁକ୍ତ । ଆଖପାଖରେ ଥିବା ପ୍ରାକୃତିକ ଉପାଦାନ ଯଥା ଗଛ ଲତା, ଉର୍ବରତା ଓ ପୃଥିବୀ ସହିତ ସମ୍ପର୍କକୁ ଆହୁରି ସୁଦୃଢ଼ କରିଥାଏ । ସୋହରାଇ ଚିତ୍ରଗୁଡ଼ିକ ଆଦିବାସୀ ସମ୍ପ୍ରଦାୟ ଏବଂ ପ୍ରକୃତି ମଧ୍ୟରେ ଗଭୀର ସମ୍ପର୍କକୁ ପ୍ରତିଫଳିତ କରେ, ସେମାନଙ୍କର କଳାତ୍ମକ ଅଭିବ୍ୟକ୍ତି ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରେ । ସରଳ ଶୈଳୀ, ସାହସିକ ଢାଂଚା ଏବଂ ପ୍ରାକୃତିକ ରଙ୍ଗକୌଶଳ ମାଧ୍ୟମରେ ଏହି ଚିତ୍ର ପ୍ରାକୃତିକ ଜଗତ ପ୍ରତି ଏକ ସୌହାର୍ଦ୍ଦ୍ୟ ଏବଂ ସମ୍ମାନର ଭାବନା ପ୍ରଦାନ କରିଥାଏ ।

# ଆସନ୍ତାକାଲି ଓଡ଼ିଶାରେ 'ଆୟୁଷ୍ମାନ ଭାରତ'ର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,:ଆସନ୍ତା ୨୯ରେ ଓଡ଼ିଶାରେ ଆରମ୍ଭ ହେବ ଆୟୁଷ୍ମାନ ଭାରତ ଯୋଜନା । ଭିଡିଓ କନଫରେନସିଂ ମାଧ୍ୟମରେ ଯୋଡି ହୋଇ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏ ନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ନିକଟରେ ସରକାର ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଆୟୁଷ୍ମାନ ଭାରତରେ ସାମିଲ୍ କରିଛନ୍ତି ।ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ କି "ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଖୁବଶୀଘ୍ର ଲାଗୁ ହେବାକୁ ଯାଉଛି । ଏବେ ଡାଟା କାମ ଚାଲିଛି । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଲାଗୁ ହେବ । ନିର୍ଦ୍ଦିଷ୍ଟ ଭାବରେ ୧ କୋଟି ପରିବାରର ପ୍ରାୟ ୩ କୋଟି ୫୦ ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ ମିଳିବ । ଏହା ସାରା




ଭାରତ ବର୍ଷରେ ପାଖାପାଖି ୨୭ ହଜାର ହସ୍ପିଟାଲ ସହ ଅନୁବନ୍ଧିତ ହେବ । ଲୋକ କ୍ୟାସଲେସ୍ ଚିକିତ୍ସା ସୁବିଧା ପାଇବେ । ୭୦ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କ ମଧ୍ୟ ଏହି ସ୍ୱାସ୍ଥ୍ୟବୀମା ସୁବିଧା ମିଳିବ । ଏହା ଏକ କମନ୍ କାର୍ଡ ହେବ ।" ସ୍ୱାସ୍ଥ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ କି, "ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ୬୭ ଲକ୍ଷ ପରିବାର ସାମିଲ ହେବାକୁ ଥିବାବେଳେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ବଳକା ୩୩ ଲକ୍ଷ ପରିବାର ସ୍ୱାସ୍ଥ୍ୟ ବୀମାରେ ସାମିଲ ହେବେ । ପୁରୁଣା ସ୍ୱାସ୍ଥ୍ୟ କାର୍ଡରେ କେବଳ ୯୫୦ଟି ହସ୍ପିଟାଲ ସହ ଅନୁବନ୍ଧିତ ଥିଲା । ସାରା ଭାରତବର୍ଷରେ ଚାଲୁ ନଥିଲା । ନୂଆ ସ୍ୱାସ୍ଥ୍ୟକାର୍ଡରେ ୨୭ ହଜାରରୁ ଅଧିକ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ଉପଲବ୍ଧ ହେବ । ଦାଦନ ଶ୍ରମିକ, ଯେଉଁମାନେ ରାଜ୍ୟ ବାହାରେ ରହି କାମ କରୁଛନ୍ତି ସେମାନେ ମଧ୍ୟ ଏହି ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା କାର୍ଡରେ ଲାଭବାନ ହେବେ ।"

# ଗ୍ରାମ୍ୟ ଉନ୍ନୟନ ରାସ୍ତାର ଅବସ୍ଥା ଶୋଚନୀୟ ମରାମତି କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି

ବାଲେଶ୍ୱର: ବାତ୍ୟା 'ଦାନା' ଗଲାପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ମାଖନପୁର ବାଉରିପଦା (ଭାୟା- ବକ୍ରେଶ୍ୱର ମହାଦେବ) ୫କି.ମି. ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଏହି ରାସ୍ତାଟି ଖଇରା ଏବଂ ସିମୁଳିଆ ବ୍ଲକକୁ ସଂଯୋଗ କରୁଛି । ବାତ୍ୟାରେ ରାସ୍ତାରୁ ମେଟାଲ୍ ଏବଂ ମାଟି ଧୋଇ ହୋଇଯିବା ସହ ଗଚ୍ଛିତଥିବା ପଥରଗୁଣ୍ଡ ମଧ୍ୟ ଧୋଇହୋଇଯାଇଛି । ଫଳରେ ରାସ୍ତାଟି ଏବେ ଖାଲଖମାରେ ଭର୍ତ୍ତି ହୋଇଛି । ରାସ୍ତା ଉପରୁ ଯଦିଓ ସମ୍ପୂର୍ଣ୍ଣ ପାଣି ଛାଡ଼ିନାହିଁ ତଥାପି ସ୍ଥାନେ ସ୍ଥାନେ ଖାଲ ଜାଗାରେ ପାଣି ଭର୍ତ୍ତି ହୋଇରହିଛି । ଯାହା ଫଳରେ ରାସ୍ତାଟି ଉପରେ ନିର୍ଭର କରୁଥିବା ଟିପିସି ଗଡ଼ିଆ, ନିଶ୍ଚିନ୍ତା,





ବାଉରିପଦା, ଭାସ୍କରପୁର, ଦୁଲାରପୁର, କଂଟାପଡ଼ା ଶାସନ ଏବଂ ଆନନ୍ଦପୁର ଗାଁର ଲୋକେ ଯିବା ଆସିବା କରିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ, ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀଗଣ ବାତ୍ୟାଂଚଳ ପରିଦର୍ଶନ ସମୟରେ ଏହି ରାସ୍ତାଟିର ଅବସ୍ଥା ବୁଲି ଦେଖିଥିଲେ । ଉକ୍ତ ରାସ୍ତାଟିକୁ ଅଗ୍ରାଧିକାର ଭିତିରେ ମରାମତି କରିବାକୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି ।

# ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବନିମ୍ନ ହାରାହାରି ଅଧିସୂଚୀତ ବେତନ ହାର ୭% ବୃଦ୍ଧି ପାଇଛି

ନୂଆଦିଲ୍ଲୀ : ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଏହା ଲକ୍ଷ୍ୟ କରାଯାଇଛି କିଛି ଗଣମାଧ୍ୟମ କହିଛନ୍ତି ଯେ 'ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ମନରେଗା ଅଧୀନରେ ଗ୍ରାମୀଣ ନିଯୁକ୍ତି ୧୬% ହ୍ରାସ ପାଇଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ୨୦୦୫ (ମହାତ୍ମା ଗାନ୍ଧୀ ନରେଗା)ର ଉଦ୍ଦେଶ୍ୟ ହେଉଛି ଦେଶର ଗ୍ରାମାଂଚଳରେ ଥିବା ପରିବାରଗୁଡ଼ିକର ଜୀବିକା ସୁରକ୍ଷା ବୃଦ୍ଧି କରିବା, ଯେଉଁ ପରିବାରର ବୟସ୍କ ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବେ ଅଣକୁଶଳୀ ମାନୁଆଲ କାମ କରିବାକୁ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରନ୍ତି ସେମାନଙ୍କୁ ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ଶହେ ଦିନର ନିଶ୍ଚିତ ମଜୁରୀ ନିଯୁକ୍ତି ପ୍ରଦାନ କରିବା । ଉଲ୍ଲେଖଯୋଗ୍ୟ, ୨୦୦୬-୦୭ ଆର୍ଥିକ ବର୍ଷରୁ ୨୦୧୩-୧୪ ଆର୍ଥିକ ବର୍ଷ ମଧ୍ୟରେ ମୋଟ ବ୍ୟକ୍ତି ଦିବସ ୧୬୬୦ କୋଟି ଥିବା ବେଳେ ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ମୋଟ ବ୍ୟକ୍ତି ଦିବସ ୨୯୨୩ କୋଟି ରହିଛି । ଯେହେତୁ ମନରେଗା ଏକ ଚାହିଦା ଭିତିକ ଯୋଜନା ଏବଂ ବର୍ତ୍ତମାନର ଆର୍ଥିକ ବର୍ଷ ଏବେ ବି ଜାରି ରହିଛି, ତେଣୁ ବ୍ୟକ୍ତି ଦିବସ ଉତ୍ପାଦନର ସଠିକ ଲକ୍ଷ୍ୟ ଧାର୍ଯ୍ୟ କରିବା ସମ୍ଭବ ନୁହେଁ । ତେବେ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଶ୍ରମ ବଜେଟ୍ ସଂଶୋଧନ ପାଇଁ ପ୍ରସ୍ତାବ ପଠାଇପାରିବେ । ଡିବିଟି ଓ ଆଧାର ସିଡିଂ ମହାତ୍ମା ଗାନ୍ଧୀ ନରେଗା ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ଅଧୀନରେ ଶ୍ରମିକମାନଙ୍କୁ ସମସ୍ତ ଦେୟ ଶ୍ରମିକଙ୍କ ଆକାଉଂଟରେ ଜମା କରାଯିବ । ହିତାଧିକାରୀଙ୍କ ଆଧାର ନମ୍ବର ବ୍ୟବହାର କରି ପେମେଂଟର କ୍ରେଡିଟିଂକରାଯାଏ ଯାହା ସହିତ ଆକାଉଂଟ ଲିଙ୍କ୍ ହୋଇଛି ।ଏବିପିଏସ୍ ରୂପାନ୍ତର ହେଉଛି ଏକ ପ୍ରମୁଖ ସଂସ୍କାର ପ୍ରକ୍ରିୟା ଯେଉଁଠାରେ ମହାତ୍ମା ଗାନ୍ଧୀ ଏନଆରଇଜିଏସ ଅଧୀନରେ ଶ୍ରମିକଙ୍କ ଆଧାର ଆଧାରରେ ସିଧାସଳଖ ବ୍ୟାଙ୍କ ଆକାଉଂଟରେ ଲାଭ ଜମା କରାଯାଏ, ବିଶେଷକରି ଆଧାର ଆଧାରିତ ଦେୟ, ଯାହା ବିତରଣ ପ୍ରକ୍ରିୟାର ଅନେକ ସ୍ତରକୁ କାଟିଥାଏ । ଏପିବିଏସ୍ ଉତମ ଲକ୍ଷ୍ୟ, ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ଏବଂ ଦେୟରେ ବିଳମ୍ବ ହ୍ରାସ କରିବା, ଲିକେଜ୍ କୁ ରୋକିବା ଦ୍ୱାରା ଅଧିକ ଅନ୍ତର୍ଭୁକ୍ତୀକରଣ ସୁନିଶ୍ଚିତ କରିବା ଏବଂ ଏହା ଦ୍ୱାରା ବ୍ୟୟକୁ ନିୟନ୍ତ୍ରଣ କରିବା ଏବଂ ଅଧିକ ଉତରଦାୟିତ୍ୱ ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ ।ମହାତ୍ମା ଗାନ୍ଧୀ ଏନଆରଇଜିଏରେ ଏବିପିଏସ ରୂପାନ୍ତରଣର ମୁଖ୍ୟ ଲାଭ ହେଉଛି ବାରମ୍ବାର ଆକାଉଂଟ ପରିବର୍ତନ ହେତୁ କାରବାର ପ୍ରତ୍ୟାଖ୍ୟାନକୁ ହ୍ରାସ କରିବା । ତଥାପି, ଏହା ଡିବିଟିର କାର୍ଯ୍ୟଦକ୍ଷତାକୁ ସର୍ବାଧିକ କରିବାରେ ମଧ୍ୟ ସାହାଯ୍ୟ କରେ । ୨୬.୧୦.୨୦୨୪ ସୁଦ୍ଧା ୧୩.୧୦ କୋଟି ସକ୍ରିୟ ଶ୍ରମିକଙ୍କ ପାଇଁ ଆଧାର ସିଡିଂ କରାଯାଇଛି, ଯାହା କି ମୋଟ ସକ୍ରିୟ ଶ୍ରମିକ (୧୩.୧୮ କୋଟି)ର ୯୯.୩% ଅଟେ ।ଏହା ଏକ ଭୁଲ୍ ଯୁକ୍ତି ଯେ ଯଦି ଶ୍ରମିକମାନଙ୍କ ଆକାଉଂଟ ଏବିପିଏସ୍ ସକ୍ଷମ ନୁହେଁ ଏବଂ ଏହି କାରଣରୁ ସେମାନଙ୍କ ମଜୁରି ବକେୟା ରହେ ତେବେ ଶ୍ରମିକମାନଙ୍କ କାମ ପାଇଁ ଚାହିଦା ପଞ୍ଜୀକୃତ ହୁଏ ନାହିଁ । ଅଯୋଗ୍ୟ କର୍ମଚାରୀଙ୍କ କ୍ଷେତ୍ରରେ, ଯେଉଁମାନଙ୍କର ଏବିପିଏସ୍ ଏବେ ବି ବିଚାରାଧୀନ ଅଛି, ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ସମସ୍ତ ବ୍ୟାଙ୍କକୁ ଏନଆରଇଜିଏସ୍ ହିତାଧିକାରୀଙ୍କ ଆଧାର ନମ୍ବରକୁ ଏନପିସିଆଇ ମ୍ୟାପରରେ ଠିକ୍ ସମୟରେ ଯୋଡ଼ିବା ସୁନିଶ୍ଚିତ କରିବାକୁ ସଚେତନ କରିବାକୁ ଅନୁରୋଧ କରାଯାଇଛି ।

# ସପ୍ତଦଶ ୟୁଏମ୍ଆଇ ସମ୍ମିଳନୀ ଏବଂ ପ୍ରଦର୍ଶନୀ ୨୦୨୪ରେ 'ଶ୍ରେଷ୍ଠ ସାର୍ବଜନୀନ ପରିବହନ ସୁବିଧା ଥିବା ସହର' ପୁରସ୍କାର ଜିତିଲା ଭୁବନେଶ୍ୱର

ନୂଆଦିଲ୍ଲୀ: କେନ୍ଦ୍ର ଆବାସ ଏବଂ ସହରାଂଚଳ ବ୍ୟାପାର ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ ମନୋହର ଲାଲ ରବିବାର ଗୁଜରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରରେ ତିନି ଦିନିଆ ସପ୍ତଦଶ ଅର୍ବାନ୍ ମୋବିଲିଟି ଇଣ୍ଡିଆ (ୟୁଏମ୍ଆଇ) ସମ୍ମିଳନୀ ଏବଂ ପ୍ରଦର୍ଶନୀ ୨୦୨୪ର ଉଦଯାପନୀ ଅଧିବେଶନକୁ ସମ୍ବୋଧିତ କରିବା ସହ ବିଭିନ୍ନ ବର୍ଗରେ ରାଜ୍ୟ ଓ ସହରାଂଚଳଗୁଡ଼ିକୁ ପୁରସ୍କୃତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସହରକୁ 'ଶ୍ରେଷ୍ଠ ସାର୍ବଜନୀନ ପରିବହନ ସୁବିଧା ଥିବା ସହର' ଭାବେ ଜାତୀୟ ପୁରସ୍କାର ମିଳିଛି । ସେହିପରି ଶ୍ରୀନଗର ଅଣମୋଟର ପରିବହନ ବ୍ୟବସ୍ଥା ଥିବା ସହର ପୁରସ୍କାର ପାଇଛି । ସ୍ଥାୟୀ ସହରାଂଚଳ ଗତିଶୀଳତା ସମାଧାନର ଅଗ୍ରଗତି ପାଇଁ ଉତ୍ସର୍ଗୀକୃତ ଏହି ପ୍ରମୁଖ କାର୍ଯ୍ୟକ୍ରମରେ କେନ୍ଦ୍ର ଆବାସ ଏବଂ ସହରାଂଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ତୋଖାନ ସାହୁ, ଗୁଜରାଟ ସରକାରଙ୍କ ଅର୍ଥ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନୁଭାଇ ଦେଶାଇ, ଓଡ଼ିଶା ସରକାରଙ୍କ ଆବାସ ଏବଂ ନଗର ଉନ୍ନୟନ, ରାଷ୍ଟ୍ରାୟତ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଆବାସ ଏବଂ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟ ସଚିବ ଶ୍ରୀ ଶ୍ରୀନିବାସ ଆର. କାଟିକିଥାଲାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।ଉଦଯାପନୀ ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ମନୋହର ଲାଲ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତ ବର୍ତ୍ତମାନ କାର୍ଯ୍ୟକ୍ଷମ ରେଳ ନେଟୱାର୍କ ଦୃଷ୍ଟିରୁ ବିଶ୍ୱରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ଖୁବ୍ ଶୀଘ୍ର ଭାରତୀୟ ମେଟ୍ରୋ ନେଟୱାର୍କ ଦ୍ୱିତୀୟ ସର୍ବବୃହତ୍ ନେଟୱାର୍କରେ ପରିଣତ ହେବ । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ଏକ ରାଷ୍ଟ୍ର ଏକ କାର୍ଡ'ର ପରିକଳ୍ପନା, ଯାହାକୁ 'ଜାତୀୟ ସାଧାରଣ ଗମନାଗମନ କାର୍ଡ' (ଏନସିଏମସି) କୁହାଯାଉଛି, ଏବେ ବାସ୍ତବ ରୂପ ନେଉଛି । ଭାରତର ଅଧିକାଂଶ ମହାନଗର ଏନସିଏମସି କୁ ଗ୍ରହଣ କରିଛନ୍ତି ଏବଂ ଏହା ସହରାଂଚଳ ଗମନାଗମନ କ୍ଷେତ୍ରରେ ଏକ ପରିବର୍ତନକାରୀ ପଦକ୍ଷେପ ହେବାକୁ ଯାଉଛି ବୋଲି ସେ କହିଥିଲେ ।ଆବାସ ଏବଂ ସହରାଂଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ତୋଖାନ ସାହୁ କହିଥିଲେ, ଭାରତରେ ସହରାଂଚଳ ଗମନାଗମନ ସମସ୍ୟାର ସମାଧାନ ପାଇଁ ୨୦୦୮ ମସିହାରୁ 'ଅର୍ବାନ୍ ମୋବିଲିଟି ଇଣ୍ଡିଆ' (ୟୁଏମ୍ଆଇ)ର ବାର୍ଷିକ ସମ୍ମିଳନୀ ପଦକ୍ଷେପକୁ ପ୍ରଶଂସା କରିଥିଲେ । ଦେଶରେ ଦୈନିକ ମେଟ୍ରୋ ଟ୍ରେନରେ ୧ କୋଟିରୁ ଅଧିକ ଯାତ୍ରୀ ଯାତ୍ରା କରୁଥିବା ନେଇ ସେ ଖୁସି ବ୍ୟକ୍ତ କରିଛନ୍ତି । 'ବିକାଶ ଭାରତ ୨୦୪୭' ପ୍ରତି ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଏବଂ ପ୍ରତିବଦ୍ଧତା ଉପରେ ମଧ୍ୟ ସେ ଆଲୋକପାତ କରିଛନ୍ତି । ପରିବହନ କ୍ଷେତ୍ରରେ ବିଶେଷ କରି ସହରାଂଚଳ ପରିବହନ କ୍ଷେତ୍ରରେ ୟୁଏମ୍ଆଇ ର ବିଭିନ୍ନ ବର୍ଗର ପୁରସ୍କାର ରହିଛି । 'ସହରାଂଚଳ ପରିବହନରେ ଉତ୍କର୍ଷତା/ସର୍ବୋତମ ଅଭ୍ୟାସ ପ୍ରକଳ୍ପ' ପାଇଁ ରାଜ୍ୟ/ସହର କର୍ତ୍ତୃପକ୍ଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ସରକାରଙ୍କ ଉଚ୍ଚସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ର ବିଶେଷଜ୍ଞଙ୍କ ନେତୃତ୍ୱରେ ପୁରସ୍କାର ଚୟନ କମିଟି ଦ୍ୱାରା ସୁପାରିସ କରାଯାଇଥିବା ବିଜେତାଙ୍କୁ ନିମ୍ନଲିଖିତ ୧୨ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ବର୍ଡର-ଗାଭାସ୍କର ଟ୍ରଫି: ଭାରତୀୟ ଦଳରେ ୩ ନୂଆ ମୁହଁ

ନୂଆଦିଲ୍ଲୀ: ଅଷ୍ଟ୍ରେଲିଆ ଗସ୍ତରେ ନଭେମ୍ବର ୨୨ ତାରିଖରୁ ଖେଳାଯିବାକୁ ଥିବା ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ୍ ଶୃଙ୍ଖଳା ଲାଗି ଭାରତୀୟ ଦଳ ଶୁକ୍ରବାର ରାତିରେ ଘୋଷିତ ହୋଇଛି । ରୋହିତ ଶର୍ମାଙ୍କ ଦଳରେ ଏଥର ୩ ନୂଆ ମୁହଁ ନଜରକୁ ଆସିଛନ୍ତି । ବ୍ୟାଟର୍ ଅଭିମନ୍ୟୁ ଈଶ୍ୱରନ୍, ହର୍ଷିତ ରାଣା ଓ ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ପ୍ରଥମ ଥର ସାମିଲ କରାଯାଇଛି । ଆହତ କାରଣରୁ କୁଲ୍‌ଦୀପ ଯାଦବଙ୍କ ନାମ



ବିଚାରକୁ ନିଆଯାଇ ନଥିବା କୁହାଯାଇଛି । ନିଜକୁ ଫିଟ୍ ଘୋଷଣା କରିଥିଲେ ମଧ୍ୟ ମହମ୍ମଦ ସାମିଙ୍କୁ ସୁଯୋଗ ଦିଆଯାଇନାହିଁ । ମୁକେଶ କୁମାର, ନଭଦୀପ ସୈନି, ଖଲିଲ୍ ଅହମ୍ମଦଙ୍କୁ ସଂରକ୍ଷିତ ଖେଳାଳି ତାଲିକାରେ ରଖାଯାଇଛି । ଏହି ଗସ୍ତରେ ଭାରତ ପ୍ରଥମ ଥର ୫ ମ୍ୟାଚ୍ ଶୃଙ୍ଖଳା ଖେଳିବ । ପୂର୍ବ ଦୁଇ ଗସ୍ତରେ ଭାରତ ୨-୧ରେ ଜିତିଥିବାରୁ ଏହାକୁ ଦୋହରାଇବା ଆଶାରେ ରହିବ ।ଭାରତୀୟ ଟେଷ୍ଟ୍ ଦଳ: ରୋହିତ ଶର୍ମା (ଅଧିନାୟକ), ଯଶପ୍ରୀତ୍ ବୁମରା (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଅଭିମନ୍ୟୁ ଈଶ୍ୱରନ୍, ଶୁବମନ ଗିଲ୍, ବିରାଟ କୋହଲି, କେଏଲ୍ ରାହୁଲ, ଋଷଭ ପନ୍ତ (ୱିକେଟରକ୍ଷକ), ସର୍ଫରାଜ ଖାନ୍, ଧ୍ରୁବ ଜୁରେଲ (ୱିକେଟରକ୍ଷକ), ଆର ଅଶ୍ୱିନ, ରବୀନ୍ଦ୍ର ଜାଡ଼େଜା, ମହମ୍ମଦ ସିରାଜ, ଆକାଶଦୀପ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା, ନୀତୀଶ କୁମାର ରେଡ୍ଡୀ, ୱାସିଂଟନ୍ ସୁନ୍ଦର । ଟ୍ୱେଂଟି-୨୦ ଦଳରେ ୨ ନବାଗତ: ନୂଆଦିଲ୍ଲୀ: ଡର୍ବାନ୍‌ରେ ନଭେମ୍ବର ୮ରୁ ଆରମ୍ଭ ହେଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୪ ମ୍ୟାଚ୍ ଟ୍ୱେଂଟି-୨୦ ଶୃଙ୍ଖଳା ପାଇଁ ଭାରତୀୟ ଦଳ ମଧ୍ୟ ଶୁକ୍ରବାର ଘୋଷିତ ହୋଇଛି । ମଧ୍ୟକ୍ରମ ବ୍ୟାଟର୍ ରମଣଦୀପ୍ ସିଂ ଏବଂ ଦ୍ରୁତ ବୋଲର ବିଜୟକୁମାର ବୈଶାକ ପ୍ରଥମ ଥର ଜାତୀୟ ଦଳର ଡାକରା ପାଇଛନ୍ତି । ଆହତ କାରଣରୁ ମୟଙ୍କ ଯାଦବ, ଶିବମ ଦୁବେ, ରିୟାନ୍ ପରାଗ ସୁଯୋଗ ହାତଛଡ଼ା କରିଛନ୍ତି । ଭାରତୀୟ ଟ୍ୱେଂଟି-୨୦ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ସଂଜୁ ସାମ୍ସନ୍ (ୱିକେଟରକ୍ଷକ), ରିଙ୍କୁ ସିଂହ, ତିଳକ ବର୍ମା, ଜିତେଶ ଶର୍ମା (ୱିକେଟରକ୍ଷକ), ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ୍, ରମଣଦୀପ ସିଂହ, ବରୁଣ ଚକ୍ରବର୍ତୀ, ରବି ବିଷ୍ଣୋଇ, ଅର୍ଶଦୀପ ସିଂହ, ବିଜୟକୁମାର ବୈଶାକ, ଅବ୍ୱେସ ଖାନ୍, ଯଶ ଦୟାଲ ।

Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Chief Editor- Dulal Mishra, ମୁଖ୍ୟ ସମ୍ପାଦକ-ଦୁଲାଲ ମିଶ୍ର, Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି